visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.162 Bhubaneswar Wednesday, August 11, 2021 ୨୪ତମ ବର୍ଷ ସଂଖ୍ୟା–୧୬୨ ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS





କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରାସାୟନିକ ଏବଂ ସାର୍ ମନ୍ତ୍ରୀ ମାସୁଖ ମାଣ୍ଡଭିଆ ନୂଆଦିଲ୍ଲୀରେ ଭାରତ, ୨୦୧୯ରେ ନ୍ୟାସନାଲ ଫ୍ୟାକ୍ଟ ସିଟ୍ ଗ୍ଲୋବାଲ ୟୁଥ୍ ତମାଖୁ ସର୍ଭେ (ଜିୱାଇଟିଏସ୍–୪) ରିଲିଜ୍ ଉପରେ ଅଧ୍ୟକ୍ଷତା କରିଛନ୍ତି

## ଗୋଟିଏ ଦିନରେ ୧୦୪୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୯।୧୧: ରାଜ୍ୟରେ ଗୋଟିଏ ଦିନରେ ୧୦୪୧ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୮୯୯୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୭୧୩୯୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୧୦୯୮୮ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୪୧ ଜଣଙ୍କ ମଧ୍ୟରୁ ୬୦୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୮୩ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୩ ଜଣ, ବରଗଡ଼ରୁ ୩ ଜଣ, ଭଦ୍ରକରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ସେହିପରି ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୧୩୨, ଦେବଗଡ ଜିଲ୍ଲାରୁ ୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୦ ଜଣ, ଗଜପତି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଗଞ୍ଜାମରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଜଗତସିଂହପୁର ଜିଲ୍ଲାରୁ ୮୧ ଜଣ, ଯାଜପୁରରୁ ୩୬ ଜଣ, ଝାରସୁଗୁଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଳାହାଣ୍ଡିରୁ ୫ ଜଣ, କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୨୮ ଜଣ, କେନ୍ଦୁଝରରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୩୮୩ ଜଣ, କୋରାପୁଟରୁ ୫, ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୮ ଜଣ, ନବରଙ୍ଗପୁରରୁ ୨, ନୟାଗଡ଼ରୁ ୨୮ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀରୁ ୩୪ ଜଣ, ରାୟଗଡ଼ାରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୯ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୯ ଜଣ ଓ ଷ୍ଟେଟ୍ ପୁଲରୁ ୮୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## କରୋନାରେ ଆଉ ୬୪ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୬୫୬୫ ହେଲା

ଭୁବନେଶ୍ୱର, ୦୯।୮(ପି.ଏନ) :ରାଜ୍ୟରେ କରୋନାରେ ଆଉ ୬୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୫୬୫ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୦ ଜଣ ଥିବା ବେଳେ ସୁନ୍ଦରଗଡ଼ରୁ ୮ ଓ ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଅଛନ୍ତି। ଏହାଛଡ଼ା କନ୍ଧମାଳ ଜିଲ୍ଲାରୁ ୪ ଜଣ, ଯାଜପୁର, ମୟୁରଭଞ୍ଜ, ପୁରୀ, ନୟାଗଡ଼ ଓ କଟକ ଜିଲ୍ଲାରୁ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।ଅପରପକ୍ଷରେ ଅନୁଗୁଳ, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାରୁ ୨ ଜଣ ଲେଖାଏଁ କରୋନା ଆକ୍ରାନ୍ତଙ୍କ ପ୍ରାଣହାନି ଘଟିଛି। ଠିକ୍ ସେହିପରି, ବଲାଙ୍ଗୀର, ସମ୍ବଲପୁର, ଜଗତସିଂହପୁର, ଗଞ୍ଜାମ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି

## କରୋନାରୁ ସୁସ୍ଥ ହେଲେ ଆଉ ୧୩୧୯ ଆକ୍ରାନ୍ତ

ଭୁବନେଶ୍ୱର, ୧୧(ପି.ଏନ)ଦୁବାଇ ରାଜ୍ୟରେ ଆଜି କରୋନା ଭାଇରସ ସଂକ୍ରମଣରୁ ୧୩୧୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୭୨ ହଜାର ୭୧୦ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ? ଜରିଆରେ ଏହି ସୂଚନା ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୫୬ ଜଣ ଓ କଟକ ଜିଲ୍ଲାରୁ ୧୪୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ପୁରୀରୁ ୭୯, ବାଲେଶ୍ୱରରୁ ୭୨, ଭଦ୍ରକରୁ ୭୧, କେନ୍ଦ୍ରାପଡ଼ାରୁ ୬୬, ଅନୁଗୁଳରୁ ୬୪, ଯାଜପୁରରୁ ୬୩, ଜଗତସିଂହପୁରରୁ ୫୭, ନୟାଗଡ଼ରୁ ୪୭ ଓ ସୁନ୍ଦରଗଡ଼ରୁ ୨୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ।ସେହିପରି ଢେଙ୍କାନାଳରୁ ୨୭, ମୟୂରଭଂଜରୁ ୨୪, ସୁବର୍ଣ୍ଣପୁରରୁ ୨୩, କନ୍ଧମାଳ, କେନ୍ଦୁଝର ଓ ସମ୍ବଲପୁରରୁ ୧୩ ଜଣ ଲେଖାଏଁ, ଦେବଗଡ଼ ଓ ଗଂଜାମରୁ ୯-୯, ବରଗଡ଼, ବୌଦ୍ଧ, କଳାହାଣ୍ଡି, ମାଲକାନଗିରିରୁ ୮ ଜଣ ଲେଖାଏଁ, ରାୟଗଡ଼ାରୁ ୭, କୋରାପୁଟରୁ ୬, ଗଜପତିରୁ ୫, ବଲାଙ୍ଗୀର, ଝାରସୁଗୁଡ଼ା ଓ ନବରଗଂପୁରରୁ ୩ ଜଣ ଲେଖାଏଁ ଓ ରାଜ୍ୟପୁଲରୁ ୮୨ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି ।

## କରୋନାରେ ଆଉ ୬୪ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୬୫୬୫ ହେଲା

ଭୁବନେଶ୍ୱର ଡ଼ର ରାଜ୍ୟରେ କରୋନାରେ ଆଉ ୬୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୫୬୫ ହୋଇ ଯାଇଛି ।ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୦ ଜଣ ଥିବା ବେଳେ ସୁନ୍ଦରଗଡ଼ରୁ ୮ ଓ ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଅଛନ୍ତି। ଏହାଛଡ଼ା କନ୍ଧମାଳ ଜିଲ୍ଲାରୁ ୪ ଜଣ, ଯାଜପୁର, ମୟୁରଭଞ୍ଜ, ପୁରୀ, ନୟାଗଡ଼ ଓ କଟକ ଜିଲ୍ଲାରୁ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।ଅପରପକ୍ଷରେ ଅନୁଗୁଳ, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାରୁ ୨ ଜଣ ଲେଖାଏଁ କରୋନା ଆକ୍ରାନ୍ତଙ୍କ ପ୍ରାଣହାନି ଘଟିଛି। ଠିକ୍ ସେହିପରି, ବଲାଙ୍ଗୀର, ସମ୍ବଲପୁର, ଜଗତସିଂହପୁର, ଗଞ୍ଜାମ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

## କୃଷି ସଂପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (ଇମେଜ୍)ର ସାଧାରଣ ପରିଷଦ ବୈଠକ

କୃଷି ଓ କୃଷକର ଉନ୍ନତି ଦିଗରେ କୃଷି ସଂପ୍ରସାରଣ କାର୍ଯ୍ୟକ୍ରମ ଏବଂ ଦକ୍ଷତା ବିକାଶର ମହତ୍ୱପୂର୍ଣ୍ଣ ଭୂମିକା ରହିଛି- : ମନ୍ତ୍ରୀ

ଭୁବନେଶ୍ୱର, ୧୦।୮(ପି.ଏନ): କୃଷି ଓ କୃଷକର ଉନ୍ନତି ଦିଗରେ କୃଷି ସଂପ୍ରସାରଣ କାର୍ଯ୍ୟକ୍ରମ ଏବଂ ଦକ୍ଷତା ବିକାଶର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷି କ୍ଷେତ୍ରରେ ପ୍ରତିଦିନ ନୂତନ ଜ୍ଞାନକୌଶଳର ପ୍ରୟୋଗ ହେଉଥିବାବେଳେ ଏହାକୁ ତୃଣମୂଳ ସ୍ତରରେ ପହଂଚାଇବା ସହିତ କୃଷି ଅଧିକାରୀମାନଙ୍କୁ ଅଧୁନାତମ ଜ୍ଞାନକୌଶଳ ସଂପର୍କରେ ପ୍ରଶିକ୍ଷଣ ଦେବା ଦିଗରେ କୃଷି ସଂପ୍ରସାରଣ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ପରିଷଦର ସଭାପତି ତଥା କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି ।ଆଜି କୃଷି ଭବନଠାରେ ଆୟୋଜିତ କୃଷି ସଂପ୍ରସାରଣ ପରିଚାଳନା ପ୍ରତିଷ୍ଠାନ(ଇମେଜ୍)ର ସାଧାରଣ ପରିଷଦ ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଡ. ସାହୁ କହିଲେ ରାଜ୍ୟ ସରକାର କୃଷକଙ୍କ ଆୟକୁ ଦ୍ୱିଗୁଣିତ/ ବହୁଗୁଣିତ କରିବା ନିମନ୍ତେ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରର ଉନ୍ନତି ନିମନ୍ତେ ଅନେକଗୁଡ଼ିଏ ସମୟ ଉପଯୋଗୀ ଯୋଜନା ପ୍ରଣୟନ କରିଛନ୍ତି । ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଫସଲର ବିବିଧିକରଣ ଓ ସମନ୍ୱିତ କୃଷି ଉପରେ ବିଭାଗ ଗୁରୁତ୍ୱ ପ୍ରଦାନ କରୁଛି। କୃଷି ଅଧିକାରୀ ଓ କୃଷକମାନଙ୍କୁ ଏ ସଂପର୍କରେପ୍ରତିଷ୍ଠାନ ପରିସରରେ ଏବଂ କ୍ଷେତ୍ର ସ୍ତରରେ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରି ଯୋଜନାର ସଫଳ ରୂପାୟନକରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ଏଥିସହିତ ବ୍ଲକ୍ ସ୍ତରରୁ ରାଜ୍ୟସ୍ତରରେ 'ଆତ୍ମା' ଯୋଜନାର କାର୍ଯ୍ୟାନ୍ୱୟନ ଦିଗରେ ଉପୁଜୁ ଥିବା ସମସ୍ୟାଗୁଡ଼ିକ ଦିଗରେ ଅବଗତ ହୋଇ ପ୍ରତିଷ୍ଠାନ ପକ୍ଷରୁ ଏହାର ସମାଧାନ ଦିଗରେ ପନ୍ଥା ନିରୁପଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ପ୍ରତିଷ୍ଠାନରକାର୍ଯ୍ୟାନ୍ୱୟନରେ ଉନ୍ନତି ଆଣିବା ଦିଗରେ ସଦସ୍ୟମାନେ ଦେଇଥିବା ମତାମତ ଉପରେ ପର୍ଯ୍ୟାଲୋଚନା କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ସାଧାରଣ ପରିଷଦର ବୈଠକ ବର୍ଷକୁ ଦୁଇଥର କରିବା ନିମନ୍ତେ ସଭାପତିଙ୍କ ପ୍ରସ୍ତାବ ସର୍ବସମ୍ମତିରେ ଗୃହୀତ ହୋଇଥିଲା ।ବୈଠକରେ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ କହିଲେ ସମନ୍ୱିତ କୃଷି ଯୋଜନାର ସଫଳ ରୂପାୟନ ନିମନ୍ତେ ସଂପ୍ରସାରଣ ପ୍ରତିଷ୍ଠାନସମେତ ଆତ୍ମାକୁ ଅଧିକ ଚଳଚଂଚଳ କରିବାକୁ ପଡ଼ିବ। ବୈଠକରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପବନ କୁମାର ଅଗ୍ରୱାଲ କୃଷି ସଂପ୍ରସାରଣ ପରିଚାଳନା ପ୍ରତିଷ୍ଠାନର ଉନ୍ନତିକରଣ କରାଯାଇ ଏହାକୁ ଗବେଷଣା ପ୍ରତିଷ୍ଠାନ ସହ ଅଧିକ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସାଧାରଣ ପରିଷଦ ବୈଠକ ପ୍ରାରମ୍ଭରେ ପ୍ରତିଷ୍ଠାନର ମୁଖ୍ୟ ନିର୍ଦ୍ଦେଶକ ଶ୍ରୀ ମଧୁସୂଦନ ମିଶ୍ର ପ୍ରତିଷ୍ଠାନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଭୁବନେଶ୍ୱର ଠାରେ କୃଷି ସଂପ୍ରସାରଣ ପରିଚାଳନା ପ୍ରତିଷ୍ଠାନ ପ୍ରତିଷ୍ଠା ହେବା ଦିନଠାରୁ କୃଷି ଅଧିକାରୀ ଓ କୃଷକମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିରନ୍ତର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରିଆସୁଅଛି। ଏଥିସହିତ ବିଭିନ୍ନ ସମୟରେ ସେମିନାର, କର୍ମଶାଳା ଓ କୃଷକ ମେଳାର ସଫଳ ଆୟୋଜନ କରି କୃଷି ସଂପ୍ରସାରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି ବୋଲି ଶ୍ରୀ ମିଶ୍ର କହିଥିଲେ ।ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା, ମୃତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ପଣ୍ଡାଙ୍କ ସମେତ ପରିଷଦର ସଦସ୍ୟ, କୃଷକ ସଦସ୍ୟ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତି ଅସମ୍ମାନକୁ ବରଦାସ୍ତ କରାଯିବ ନାହିଁ : କଂଗ୍ରେସ

ଭୁବନେଶ୍ୱର, ୦୧ ଦଯାଜପୁର- କଟକ-ପାରାଦୀପ ରାସ୍ତାରେ ଜଗତ୍ସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁରଠାରେ ୧୯୮୭ ମସିହାରୁ ସ୍ଥାପିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପାର୍ଶ୍ୱରେ ସ୍ଥାନୀୟ ବିଜୁଜନତା ଦଳ ତରଫରୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ରାଜ୍ୟ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଡକ୍ଟର ଗୋବିନ୍ଦ ଭୂୟାଁ ଘୋର ନିନ୍ଦା କରିବା ସହିତ ରାଜ୍ୟ ସରକାର ତୁରନ୍ତ ବିଷ୍ଣୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ସେଠାରୁ ସ୍ଥାନାନ୍ତର କରିବାକୁ ଦୃଢ଼ ଦାବି କରିଛନ୍ତି। ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତି କଂଗ୍ରେସ ଦଳର କୌଣସି ବୈରୀଭାବ ବା ଅସୂୟା ନାହିଁ ଏବଂ ବିଜୁ ଜନତା ଦଳ ରଘୁନାଥପୁରର ଅନ୍ୟ ଯେ କୌଣସି ସ୍ଥାନରେ ବା ଜଗତ୍ସିଂପୁର ଜିଲ୍ଲାର ଅନ୍ୟ ଯେଉଁଠି ଯେତେ ସଂଖ୍ୟାରେ ବିଷ୍ଣୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କଲେ କଂଗ୍ରେସ ସ୍ୱାଗତ କରିବ ବୋଲି ଅବତାରଣା କରିବା ସହିତ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ମର୍ଯ୍ୟାଦା ପ୍ରତି ସାମାନ୍ୟତମ ଅସମ୍ମାନକୁ କଂଗ୍ରେସ ବରଦାସ୍ତ କରିବ ନାହିଁ ବୋଲି ଡକ୍ଟର ଭୂୟାଁ ପ୍ରକାଶ କରିଛନ୍ତି। ଉତ୍କଳମଣି ଗୋପବନ୍ଧୁ ପ୍ରତ୍ୟେକ ଉତ୍କଳୀୟଙ୍କ ପାଇଁ ଶ୍ରଦ୍ଧା ଓ ସମ୍ମାନର ମୂର୍ତ୍ତିମନ୍ତ ପ୍ରତୀକ। ତେଣୁ ପ୍ରତ୍ୟେକ ଓଡ଼ିଆଙ୍କ ପାଖରେ ତାଙ୍କର ସ୍ଥାନ ଖୁବ ଉଚ୍ଚରେ ଏବଂ ସେ ଚିରକାଳ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇରହିଥିବେ। ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପାଖରୁ ତୁରନ୍ତ ସ୍ୱର୍ଗତ ବିଷ୍ଣୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଦାବି କରି ଗତ ୫ ତାରିଖ ଠାରୁ ଦୀର୍ଘ ୬ ଦିନ ଧରି ସେଠାରେ ସ୍ଥାନୀୟ ଯୁବନେତା ଇଂ ହିଂମାଂଶୁ ମଲ୍ଲିକ ଓ ତାଙ୍କ ସାଥୀମାନଙ୍କ ତରଫରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ଚାଲିଥିବା ଅନଶନକୁ ସମର୍ଥନ ଜଣାଇ ରାଜ୍ୟର ବହୁ କଂଗ୍ରେସ ନେତା ଓ ବିଶିଷ୍ଟ ବୁଦ୍ଧିଜୀବୀ ଇତି ମଧ୍ୟରେ ଅନଶନ ସ୍ଥଳକୁ ଯାଇ ଆନ୍ଦୋଳନକୁ ସମର୍ଥନ ଜ୍ଞାପନ କରିଛନ୍ତି। ସମଗ୍ର ଜିଲ୍ଲାରେ ଏବଂ ସାରା ଓଡ଼ିଶାରେ ଏପରି କାର୍ଯ୍ୟକୁ ବିଭିନ୍ନ ବର୍ଗର ସଚେତନ ବ୍ୟକ୍ତିମାନେ ନାପସନ୍ଦ କରିବା ସହିତ ଜନଅସନ୍ତୋଷକୁ ଉପଶମ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି କରାଯାଇଛି।


2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି। ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ବାସନ୍ତୀ ମହାବିଷୁବ: ସୂର୍ଯ୍ୟ ବୃତ୍ତାନ୍ତ





**ବି**ଜ୍ଞାନମତେ : ସୂର୍ଯ୍ୟ ହିଁ ସକଳ ଶକ୍ତିର ଆଧାର। ସୂର୍ଯ୍ୟ ଯୋଗୁଁ ଦିନରାତି, ଋତୁ ପରିବର୍ତ୍ତନ, ଝଡ଼ ବର୍ଷା, ବାୟୁ ପ୍ରବାହ, ସାମୁଦ୍ରିକ ସ୍ରୋତ ଏବଂ ଏ ପୃଥିବୀ ଚଳଚଞ୍ଚଳ। ସୂର୍ଯ୍ୟ ବ୍ୟତିରେକ ପୃଥିବୀର ଜୀବସତ୍ତା ଏବଂ ଚଳଚଞ୍ଚଳତା ମୁହୂର୍ତ୍ତକ ମଧ୍ୟରେ ଠପ୍। ଅର୍ଥାତ୍ ଜଡ଼ ଓ ଜୀବନ୍ତ ମଧ୍ୟରେ ସୌର ଶକ୍ତିହିଁ ବିଦ୍ୟମାନ। ସେ ସ୍ରଷ୍ଟା, ସେ ପାଳନ କର୍ତ୍ତା ଏବଂ ସଂହାର କର୍ତ୍ତା। ଅର୍ଥାତ୍ ଭଗବାନ। ସେ ବିଷ୍ଣୁଙ୍କ ପରି ପରମାତ୍ମା। ଏଣୁ କାପିଳତନ୍ତ୍ରରେ ଯଥାର୍ଥରେ କୁହାଯାଇଛି: ***“ଆକାଶସ୍ୟ ଧିପୋ ବିଷ୍ଣୁଃ। ଅଗ୍ନିଶୈବ ମହେଶ୍ୱରୀ। ବାୟୋଃସୂର୍ଯ୍ୟଃ କ୍ଷିତେରୀଶୋ ଜୀବନସ୍ୟ ଗଣାଧିପଃ।। ଗୁରୁବୋଯୋଗ ନିଷଣାତାଃ ପ୍ରକୃତି ପଞ୍ଚଧା ଗଣମ୍, ପରୀକ୍ଷ୍ୟ କୁର୍ଯ୍ୟୁଃ ଶିଷ୍ୟାଣାଂ ଅଧିକାର ବିନିର୍ଣ୍ଣୟମ୍।।”***

ଅର୍ଥାତ୍ ଆକାଶର ଅଧିପତି ବିଷ୍ଣୁ, ଅଗ୍ନିର ମହେଶ୍ୱରୀ। ବାୟୁ ତତ୍ତ୍ୱର ଅଧିପତି ସୂର୍ଯ୍ୟ, ପୃଥିବୀର ଶିବ ଏବଂ ଜଳର ଅଧିପତି ଗଣେଶ ଅଟନ୍ତି। ଏହାର ତାତ୍ପର୍ଯ୍ୟ ଏହି ଯେ ଏହି ପଞ୍ଚ ଦେବଙ୍କ ମଧ୍ୟରେ ସୂର୍ଯ୍ୟ ମଧ୍ୟ ବିଷ୍ଣୁ ଏବଂ ଶିବ ଇତ୍ୟାଦିଙ୍କ ପରି ପରମାତ୍ମା ଅଟନ୍ତି। ଏ ପରମାତ୍ମା ଶରୀର ମଧ୍ୟରେ ଆତ୍ମା ରୂପେ ବିରାଜମାନ। ଏଣୁ ଆତ୍ମା ଓ ପରମାତ୍ମା ଉଭୟେ ଚେତନଶୀଳ। ଏହି ଚେତନ ଶୀଳତାହିଁ, ଚଳ ଚଞ୍ଚଳତା ମୁଖ୍ୟ କାରଣ। ପଞ୍ଚଦେବଙ୍କ ପରି ସୂର୍ଯ୍ୟ ବିନା ଜଳ ବିହୁନ ଜୀବନ ସଦୃଶ। ସମସ୍ତ ବେଦ, ସ୍ମୃତି, ପୁରାଣ, ରାମାୟଣ ଏବଂ ମହାଭାରତ ଆଦି ଗ୍ରନ୍ଥରେ ଭଗବାନ ସୂର୍ଯ୍ୟଙ୍କ ମହିମା ଦ୍ୱାରା ପରିପୁଷ୍ଟ। ବିଜୟ, ସୁନ୍ଦର ସ୍ୱାସ୍ଥ୍ୟ ଲାଭାର୍ଥେ ତଥା କୁଷ୍ଠାଦି ବ୍ୟାଧି ନିବାରଣାର୍ଥେ ବିଭିନ୍ନ ଅନୁଷ୍ଠାନ ତଥା ସ୍ତୋତ୍ରମାନଙ୍କର ବର୍ଣ୍ଣନା ଏହି ଗ୍ରନ୍ଥମାନଙ୍କରେ ପ୍ରଚୁର ପରିମାଣରେ ଉପଲବ୍ଧ ହୁଏ। ଏହିମତେ ସୂର୍ଯ୍ୟ ମହିମା ଯୁଗେଯୁଗେ ଅଦ୍ୱିତୀୟ ଅଟେ।

ଗାୟତ୍ରୀ ମନ୍ତ୍ରରେ ସୂର୍ଯ୍ୟ ହିଁ ଧେୟ ଦେବତା : ‘ତତ୍ ସବିତୁର୍ବରେଣ୍ୟମ୍’। ସବିତା ଶବ୍ଦ ସୂର୍ଯ୍ୟଙ୍କର ପର୍ଯ୍ୟାୟସୂଚକ ଅଟେ। ଭାନୁର୍ହଂସ ସହସ୍ରାଂଶୁ ସ୍ତପନଃ ସବିତା ରବିଃ (ଅମର ୧।୩।୩୮୬)। ଅର୍ଥାତ୍ ଭାନୁ, ହଂସ ସହସ୍ରାଂଶୁ, ତପନ, ସବିତା, ଏବଂ ରବି ଇତ୍ୟାଦି ସୂର୍ଯ୍ୟ ଦେବତାଙ୍କର ଭିନ୍ନ ନାମ ଅଟନ୍ତି। ପ୍ରତ୍ୟକ୍ଷତଃ ସୂର୍ଯ୍ୟ ମଣ୍ଡଳ ଜଡ଼ ପ୍ରତୀତ ହେଲେ ହେଁ ତାଙ୍କର ଅଭିମାନୀ ଦେବତା ଚେତନା ଅଟନ୍ତି : ଯୋ ଽସ୍ୱାବାଦିତ୍ୟେ ପୁରୁଷଃ ସୋଽସା ବହମ। ସେ ଅଧ୍ୟାତ୍ମ-ସୂର୍ଯ୍ୟ, ସେ ଜ୍ୟୋତିମାନଙ୍କର ଜ୍ୟୋତି ଏବଂ ଜ୍ୟୋତିସ୍ମତୀ ଯୋଗ ପ୍ରବୃତ୍ତିର କାରଣ ଅଟନ୍ତି।’ ସେ ଏକମାତ୍ର ଜଗତର ପୋଷକ, ଏକାକୀ ଗମନଶୀଳ (ଅବାସ୍ତବ ଗତି), ସମସ୍ତଙ୍କର ନିୟନ୍ତା, ରଶ୍ମିମାନଙ୍କର ସ୍ରୋତ, ରସମାନକୁ ଗ୍ରହଣ କରୁଥିବା ସୂର୍ଯ୍ୟ। ସେ ପୁଣି ପ୍ରଖରାଶ୍ମି। ଏଣୁ ଯଥାର୍ଥରେ କୁହାଯାଇଛି : ହେ ପ୍ରଜାପତି ପୁତ୍ର! ଆପଣ ନିଜର କିରଣମାନଙ୍କୁ ଦୂର କରନ୍ତୁ ଏବଂ ଆପଣଙ୍କର ତାପଜ ଜ୍ୟୋତିକୁ ଶାନ୍ତ କରନ୍ତୁ। ଆପଣଙ୍କର ଯେଉଁ ଅତ୍ୟନ୍ତ କଲ୍ୟାଣମୟ ରୂପ ଅଛି, ତାକୁ ମଧ୍ୟ ମୁଁ ଦେଖି ପାରୁଛି; ମୁଁ ଭୃତ୍ୟପରି ମାଗୁନାହିଁ। ଅପିତୁ ଆଦ୍ୟମଣ୍ଡଳସ୍ଥ ଯେଉଁ ପୁରୁଷ ଅଛନ୍ତି ବା ପ୍ରାଣ ବୁଦ୍ଧ୍ୟା ସ୍ୱରୂପରେ ଯେଉଁ ଆଦିତ୍ୟ ପୁରୁଷ ସମସ୍ତ ଜଗତକୁ ପୂର୍ଣ୍ଣ କରିଅଛନ୍ତି କିମ୍ବା ଯିଏ ଶରୀର ରୂପ ପୁରରେ ଶୟନ କରିବା କାରଣ ପୁରୁଷ ନାମରେ ଅଭିହିତ, ସେ ମୁଁ ହିଁ ଅଟେ। ***“ପୂଷନ ଏକର୍ଷେ ଯମ ସୂର୍ଯ୍ୟ ପ୍ରାଦାପତ୍ୟ ବ୍ୟୂହ ରଶ୍ମୀନ ସମୁହ/ତେଜୋ ଯତ୍ ଯେ ରୂପଂ କଲ୍ୟାଣତମଂ ତତ୍ ତେ ପଶ୍ୟାମି/ଯୋଽସାବସୌ ପୁରୁଷଃ ସୋ ଽହମସ୍ମି।”-ଈଶାବାସ୍ୟୋପନିଷଦ: ୧୬***

ଶଙ୍କରାଚାର୍ଯ୍ୟଙ୍କ ମତରେ ଆଦିତ୍ୟଙ୍କଠାରେ ଜ୍ୟୋର୍ତିମଣ୍ଡଳ ରୂପ ଭୂତାଂଶ ଅଚେତନ ଅଟେ; କିନ୍ତୁ ଦେବାତ୍ମା ଅଧିଷ୍ଠାତା ଚେତନ ହିଁ ଅଟନ୍ତି। ଯେମିତି ଆମ ଶରୀର ବସ୍ତୁତଃ ଅଚେତନ ଅଟେ; ପରନ୍ତୁ ପ୍ରତ୍ୟେକ ଶରୀରର ଅଧିପତି ଜୀବମ୍ଆ ଚେତନ ଅଟନ୍ତି। ଏହାହିଁ ବିଜ୍ଞାନ ସମ୍ମତ। କେତେକଙ୍କ ମତରେ ସୂର୍ଯ୍ୟ କେବଳ ଅଗ୍ନିର ଗୋଳ ବା ଜଡ଼ - ଏ ସିଦ୍ଧାନ୍ତ ଆଦୌ ଠିକ୍ ନୁହେଁ। ସେ ଚେତନ ଅଟନ୍ତି। ସେ ଭୀମ ଏବଂ କାନ୍ତ। ସେ ଜଡ଼ ଓ ଜୀବ; ସେ ପ୍ରସନ୍ନ ଓ ଅପ୍ରସନ୍ନ। ଏଣୁ ଯଥାର୍ଥରେ ପୂଜ୍ୟ।

ଅଦିତ୍ୟ ହୃଦୟ ସ୍ତୋତ୍ର ଦ୍ୱାରା ଶ୍ରୀରାମ ସୂର୍ଯ୍ୟଙ୍କର ସ୍ତୁତି କରିଥିଲେ। ହନୁମାନ ସୂର୍ଯ୍ୟଙ୍କ ସାନ୍ନିଧ୍ୟରେ ଅଧ୍ୟୟନ କରୁଥିଲେ। ଶାମ୍ବ ସୂର୍ଯ୍ୟ ପୂଜା କରି ଶାପ ମୁକ୍ତ ଥିଲେ। ଏମିତି ବହୁ ଆଖ୍ୟାନ ଏବଂ ଉପାଖ୍ୟାନ ନେଇ ସୂର୍ଯ୍ୟଙ୍କର ପ୍ରସସ୍ତି ଗାନ କରାଯାଇଛି। ବେଦ ତାଙ୍କୁ ଚରାଚର ଜଗତର ଆତ୍ମା ବୋଲି କହିଛି। ***‘ସୂର୍ଯ୍ୟ ଆତ୍ମା ଜଗତଃ ତସ୍ଥୁଷଶ୍ଚ,’ ‘ବିଶ୍ୱସ୍ୟ ଭୁବନସ୍ୟ ଗୋପାଃ ସମାଧିରଃ’। (ଋକ୍‌ବେଦ ୧/୧୬୪/୨୧)।***

ଏ ମନ୍ତ୍ରରେ ସୂର୍ଯ୍ୟଙ୍କୁ ବୁଦ୍ଧି ପ୍ରେରକ କହାଯାଇଛି: ***‘ଧିୟଂ ଈରୟୋତଃ ଧିରାଃ।’*** ସୂର୍ଯ୍ୟ ଶବ୍ଦର ଉତ୍ପତ୍ତି ନେଇ ଯାହା ଜଣାଯାଏ: ***ସୂର୍ଯ୍ୟଃ ସର୍ତେର୍ବା ସୁବତେର୍ବା। (୧୨/୨/୧୪) - ଯାସ୍କ। ରଜସ୍ୱୟ ସୂର୍ଯ୍ୟଂ। (ସିଦ୍ଧାନ୍ତ କୌମୁଦୀ) ସରତି (ଗଚ୍ଛତି) ଆକାଶେ ଇତି ସୂର୍ଯ୍ୟଃ, ଯଦ୍ ବା ଷୁପ୍ରେରଣେ, କ୍ୟପୋରୁଟ, ‘ସୁବତି କର୍ମଣୀ ଲୋକଂ ପ୍ରେରୟତିତି ସୂର୍ଯ୍ୟଃ।। - ପାଣିନି।*** ଏଥିରୁ ପ୍ରମାଣ ହୁଏ ଯେ, ସୂର୍ଯ୍ୟ ଚେତନ ଅଟନ୍ତି ଏବଂ ପ୍ରେରକତା ଚେତନାର ଗୁଣ ଅଟେ। ସୂର୍ଯ୍ୟ ବ୍ୟତିରେକ ଏଣୁ ସୃଷ୍ଟି ଅସମ୍ଭବ। ସୂର୍ଯ୍ୟ ହିନ୍ଦୁମାନଙ୍କର ଆରାଧ୍ୟ ଦେବତା। ସୂର୍ଯ୍ୟ ସିଦ୍ଧାନ୍ତ ଅନୁଯାୟୀ ଓଡ଼ିଶାରେ ନବବର୍ଷ ମେଷ ସଂକ୍ରାନ୍ତି ପ୍ରଥମ ଦିବସରେ ପାଳିତ ହୁଏ ଏହାକୁ ମହାବିଷୁବ ସଂକ୍ରାନ୍ତି କୁହନ୍ତି। ବସନ୍ତ ଋତୁରେ ଏହା ପଡୁଥିବରୁ ଏହାକୁ ମଧ୍ୟ ବାସନ୍ତୀ ମହାବିଷୁବ କୁହାଯାଏ। ମହାବିଷୁବ ବର୍ଷକରେ ଦୁଇଥର ପାଳନ କରାଯାଏ। ଗୋଟିଏ ବାସନ୍ତୀ ମହାବିଷୁବ, ବୈଶାଖରେ ଏବଂ ଅନ୍ୟଟି ଜଳ ମହାବିଷୁବ ସେପ୍ଟେମ୍ବର ୨୩ରେ। କିନ୍ତୁ ବାସନ୍ତୀ ମହାବିଷୁବଠାରୁ ସୂର୍ଯ୍ୟଙ୍କର ଗତିନେଇ ବର୍ଷ ହିସାବ, ପାଞ୍ଜି ତିଆରି ଇତ୍ୟାଦି କରାଯାଏ ବୋଲି ଏକାନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିଦିନ ନାନା ଯାନୀ ଯାତ୍ରା, ଉତ୍ସବ / ମହୋତ୍ସବ, ଘରେ ଘରେ ନୂତନ ବସ୍ତ୍ର, ସାଜ ସଜ୍ଜା, ପଣା, ଭୋଗରାଗ କେତେ କ’ଣ ହୁଏ। ପୁନଶ୍ଚ ଏହା ସୂର୍ଯ୍ୟଙ୍କ ପୂଜା ହେତୁ ତାଙ୍କ ଲାଗି ଅନେକ ଯାତ୍ରା : ଯଥା ଝାମୁଯାତ୍ରା, ଦଣ୍ଡନାଚ ଏବଂ ଅନେକ କିଛି ସମର୍ପିତ ହୁଏ। ଆସନ୍ତୁ ସେହି ସର୍ବମୟ କର୍ତ୍ତା ସୂର୍ଯ୍ୟଙ୍କ ପ୍ରଣାମ କରି ନିବେଦନ କରିବା : ହେ ସୂର୍ଯ୍ୟ ଦେବ! ଆଜି ଉଦୟ ହେବା ସଂଗେସଂଗେ ଆପଣ ଆମକୁ ନିଷ୍ପାପ କରିଦିଅନ୍ତୁ। ହେ ଅଦିତ, ଆମେ ମିତ୍ର ବରୁଣଦେବଙ୍କ ପ୍ରିୟ ପାତ୍ର ହେଉ; ହେ ଆଦ୍ୟମାନ (ଦାତା) ଆମେ ଆପଣଙ୍କର କୃପାର ପ୍ରିୟପାତ୍ର ହେଉ। ହେ ଆର୍ଯ୍ୟମାନ, ଆପଣଙ୍କ କୃପା ଲାଭ କରିବା ପାଇଁ ଆମେ ପ୍ରାର୍ଥନା କରୁଛୁ। ଆସନ୍ତୁ ଆମେ ସୂର୍ଯ୍ୟଙ୍କ ଉପଲବଧି କରିବା। ସେ ଆଲୋକ ପ୍ରଦାନକାରୀଙ୍କୁ ଧାନ କରିବା। ଅଦିତିଙ୍କ ପୁତ୍ର ଆଦିତ୍ୟ ଆମକୁ ଜ୍ଞାନଲୋକର ଭାସ୍କର କରନ୍ତୁ। ***“ପ୍ରଭାକରାୟ ବିଦ୍ମହେ ଦିବାକରାୟ ଧିମହୀ, ତନ୍ନୋ ସୂର୍ଯ୍ୟ ପ୍ରଚୋଦୟାତ୍।” : ଗାୟତ୍ରୀ।***

**ବିପିନବିହାରୀ ମହାନ୍ତି,**
**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ,**
**ଦୂରଭାଷ : ୯୯୩୮୩୪୪୧୩୮**

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ର କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପିଏନ୍)-ରାଜ୍ୟର ବିଭିନ୍ନ ଜିଲ୍ଲାରେ ଛାତ୍ର କଂଗ୍ରେସର ପ୍ରତିଷ୍ଠା ଦିବସ ପାଳନ ହେବା ସହ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଛାତ୍ର କଂଗ୍ରେସର ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ପତାକା ଉତୋଳନ କରି ସଭାପତି ଶ୍ରୀ ୟାସିର ନୱାଜ କହିଲେ ଯେ ଛାତ୍ର କଂଗ୍ରେସ ନିଷ୍ଠାର ସହ ଧାରାବାହିକ ଭାବରେ ସାଧାରଣ ଜନତାଙ୍କ ସେବା କରିଆସୁଛି। ଗାନ୍ଧି ଦର୍ଶନ, ପଣ୍ଡିତ ନେହେରୁଙ୍କର ଭାରତ ବିକାଶ ସ୍ୱପ୍ନ, ଇନ୍ଦିରାଜୀଙ୍କର ଅଖଣ୍ଡ ଭାରତର ସଂକଳ୍ପ, ରାଜୀବଜୀଙ୍କର ବିଜ୍ଞାନ ଓ କାରିଗରୀ ସମୃଦ୍ଧ ଦେଶ, ସୋନିଆଜୀଙ୍କର ଦୁର୍ନୀତି ହଟାଅ ଅଭିଯାନ (ଆର.ଟି.ଆଇ) ଓ ଅନାହାର ମୁକ୍ତ ସମାଜ ଏବଂ ରାହୁଲଜୀଙ୍କର ସ୍ୱାବଲମ୍ବୀ ଭାରତର ସଂକଳ୍ପକୁ ଛାତ୍ର କଂଗ୍ରେସ ସଂଗ୍ରାମର ମନ୍ତ୍ର ଭାବେ ଗ୍ରହଣ କରିଛି। ସାଂପ୍ରଦାୟିକ ଶକ୍ତି ବିରୁଦ୍ଧରେ ସଂଗ୍ରାମ କରୁଛି। ଗରିବ, ନିଷ୍ପେଷିତ, ସଂଖ୍ୟାଲଘୁ, ମହିଳା, ଯୁବକ ଓ ଛାତ୍ରର ଦାବି ପାଇଁ ଲଢ଼େଇ କରୁଛି। ଅତ୍ୟାଚାରୀ ଶାସକର ପତନ ପାଇଁ ସଂଗ୍ରାମ ଜାରି ରଖିଛି। ଏକ ସଶକ୍ତ, ସୁନ୍ଦର ଏବଂ ଆତ୍ମନିର୍ଭରଶୀଳ ଦେଶ ଓ ଜାତି ଗଠନ ପାଇଁ ଛାତ୍ର କଂଗ୍ରେସ ଅସରନ୍ତି ତ୍ୟାଗର ସଂକଳ୍ପ ନେଇଛି। କଂଗ୍ରେସ ଭବନ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ସାଗର ପଟ୍ଟନାୟକ, ବାବୁ ଜେନା, ଅଜିତ୍ ବାରିକ, ବିଶ୍ୱଭୂଷଣ ମହାପାତ୍ର, ଫାରୁକ୍ ଖାନ୍, ଅଭିଳାଷ ନନ୍ଦ, ଅହମ୍ମଦ ଖାନ୍, ସୌମ୍ୟ ବରାଳ, ରଂଜିତ୍ ସେନାପତି, ହରପ୍ରସାଦ ବେହେରା, ସୌମ୍ୟରଂଜନ ମିଶ୍ର, ଅଫରଜ୍ ଆଲମ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଲୁଥେରାନ ଶିଶୁଯତ୍ନ କେନ୍ଦ୍ରର ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ ଘଟଣା

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ମହିଳା ସମିତି ଦ୍ୱାରା ପରିଚାଳିତ ଶିଶୁ ଯତ୍ନ କେନ୍ଦ୍ରରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ କରିବା ଓ ସେହି ଦୁଷ୍କର୍ମରୁ ଏକ ଶିଶୁ ସନ୍ତାନ ଜନ୍ମ ହେବା ଘଟଣାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷାଙ୍କ ନିର୍ଦ୍ଦେଶ ପରେ ଶେଷରେ ମାର୍ଶାଘାଇ ଥାନା ପୋଲିସ ମାମଲା ରୁଜୁ କରିବାକୁ ବାଧ ହୋଇଛି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଲୁଥେରାନ ସିସିଆଇରେ ପହଁଚି ତଦନ୍ତ ସାରିବା ପରେ ଜିଲ୍ଲାପାଳଙ୍କୁ ଭେଟି ସଂପୃକ୍ତ ସଂସ୍ଥାରେ ଏଭଳି ସଂଗୀନ କାର୍ଯ୍ୟ ଚାଲିଥିବାରୁ ସେଠାରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବାକୁ ପରାମର୍ଶ ଦେଇଥିଲେ । ଏଥିସହିତ ସଂପୃକ୍ତ ପିଡିତା ମହିଳାଙ୍କ ଅଭିଯୋଗ ଅନୁଯାଇ ମାମଲା ରୁଜୁ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ସେହି ନିର୍ଦ୍ଦେଶ ଅନୁଯାଇ ମାର୍ଶାଘାଇ ଥାନା ପୋଲିସ ପିଡିତା ମହିଳା କର୍ମଚାରୀଙ୍କ ଅଭିଯୋଗ ଉପରେ ଏକ ମାମଲା ରୁଜୁକରିବା ସହ ପିଡିତାଙ୍କୁ ମାର୍ଶାଘାଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରିବାକୁ ନେବା ସମୟରେ ପିଡିତା ତାହାକୁ ବିରୋଧ କରିଥିଲେ । ମାର୍ଶାଘାଇ ପରିବର୍ତ୍ତେ ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ଲିଖିତ ଭାବେ ଥାନା ଅଧିକାରୀଙ୍କୁ ଦେବାରୁ ପିଡିତା ମହିଳାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ପରୀକ୍ଷା କରାଯାଇଥିଲା । ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ସରିବାକୁ ଅପରାହ୍ନ ଗୋଟାଏ ହୋଇଯାଇଥିଲା । ସକାଳୁଆ କୋର୍ଟ ବନ୍ଦ ହୋଇଯାଇଥିବାରୁ ତାଙ୍କୁ ଲୁଥେରାନସ୍ଥିତ ସିସିଆଇକୁ ଫେରାଇ ନିଆଯାଇଥିଲା । ପରେ ତାଙ୍କୁ କେନ୍ଦ୍ରାପଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରାଯାଇ ୧୬୪ ଧାରାରେ ତାଙ୍କ ବୟାନ ମ୍ୟାଜିଷ୍ଟ୍ରେଟଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ଆଇ.ସି.ଏ.ଡବ୍ଲୁ.ର ଇନିସପେକ୍ଟର ସସ୍ମିତା ବେହେରାଙ୍କଠାରୁ ସୂଚନା ମିଳିଛି ।

## ଟାଟା ପାୱାର ଆସିକା ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଦୋନ୍ନତିରେ ଅନିୟମିତତା ପ୍ରତିବାଦରେ ଆନ୍ଦୋଳନ ନିଷ୍ପତ୍ତି

ବ୍ରହ୍ମପୁର (ପିଏନ୍): ଟାଟା ପାୱାର ଆସିକା ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଦୋନ୍ନତିରେ ଅନିୟମିତତା ପ୍ରତିବାଦରେ ଓଏସଇବି ଶ୍ରମିକ ମହାସଂଘ ପକ୍ଷରୁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ଏକ ବୈଠକ ସ୍ଥାନୀୟ ନବୀନ ଭବନ ପରିସରରେ ସଂଗଠନର ବରିଷ୍ଠ ଉପଦେଷ୍ଟା ତଥା ସାମ୍ବାଦିକ ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି କ୍ରମାଗତ ଭାବେ ଆସିକା ସର୍କଲରେ ହେଉଥିବା ପଦୋନ୍ନତିରେ ଅନିୟମିତତା ସମ୍ପର୍କରେ ସଂଘ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷ ଓ ଶ୍ରମ ବିଭାଗକୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆସିକା ସର୍କଲର ଅଧିକ୍ଷଣ ଯନ୍ତ୍ରୀ ସମସ୍ତ ନିୟମକୁ ଉଲଂଘନ କରି ମନଇଚ୍ଛା ପଦୋନ୍ନତି ଓ ବଦଳି କରୁଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଥିଲା। ସଂଘର ଅଭିଯୋଗକୁ ବିଭାଗୀୟ କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ଦେଉନଥିବାରୁ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଂଗଠନର ସାଧାରଣ ସମ୍ପାଦକ ଜଗନ୍ନାଥ ମହାରଣା, କାର୍ଯ୍ୟକାରୀ ସଭାପତି ଏନ. ଭାସ୍କର ରାଓ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସଂଘ ପକ୍ଷରୁ ବିଭାଗୀୟ ମନ୍ତ୍ରୀ, ସିଏମଡି ଗ୍ରୀଡ଼କୋ, ଓଇଆରସି ଚେୟାରମ୍ୟାନ, ମୁଖ୍ୟ ଶାସନ ସଚିବ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଟିପିଏସଓଡିଏଲ)ଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ସଂଘ ପକ୍ଷରୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଘ କର୍ମକର୍ତ୍ତା ପ୍ରମୋଦ କୁମାର ଦାଶ, ସଦାନନ୍ଦ ଚୌଧୁରୀ, ଅଜିତ କୁମାର ପାତ୍ର, ମାନସରଞ୍ଜନ ବିଶ୍ୱାଳ, ଚନ୍ଦନ ଶତପଥୀ, ସମୀର କୁମାର ନାୟକ, କାଳୀ ପ୍ରସାଦ ମହାପାତ୍ର, ବସନ୍ତ କୁମାର ପାଣିଗ୍ରାହୀ, ଦ୍ୟୁତିକୃଷ୍ଣ ବିଶ୍ୱାଳ, ଟୁକୁନା କୁମାର ବିଷୋୟୀ, ପ୍ରଦୀପ କୁମାର ପାତ୍ର, ପ୍ରଶାନ୍ତ କୁମାର ମୁନି, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବର ତୀବ୍ର ସମାଲୋଚନା କରିଥିଲେ।

## ରେଡ଼କ୍ରସ୍ ରାଜ୍ୟ ଶାଖାକୁ ଚଳଚଞ୍ଚଳ କରିବା ପାଇଁ ନିଷ୍ପତି



ଭୁବନେଶ୍ୱର (ପିଏନ୍): ରେଡ଼କ୍ରସ୍ ରାଜ୍ୟ ଶାଖା ସୁରକ୍ଷା ସମିତି, ଓଡିଶାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରେଡକ୍ରସ୍‌ର ବରିଷ୍ଠ ଆଜୀବନ ସଦସ୍ୟ ଡଃ ଜଗନ୍ନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର ଗତ ବାର ବର୍ଷର କାର୍ଯ୍ୟ ସମୀକ୍ଷା କରିବା ପରେ ଏହାକୁ ଆହୁରି ଅଧିକ ଚଳଚଞ୍ଚଳ କରିବା ପାଇଁ ନିଷ୍ପତି ନିଆଗଲା । ଏହି ବୈଠକରେ ମାନ୍ୟବର ବିଧାୟକ ତଥା ବରିଷ୍ଠ ସାମ୍ବାଦିକ ସୌମ୍ୟରଂଜନ ପଟ୍ଟନାୟକ ଯୋଗଦେଇ ସୁରକ୍ଷା ସମିତିର ପତ୍ରିକା ଉନ୍ମୋଚନ କରିଥିଲେ । କରୋନା ପରେ ରାଜ୍ୟରେ ଥିବା ସମସ୍ତ ରେଡକ୍ରସ୍ ଆଜୀବନ ସଦସ୍ୟ/ସଦସ୍ୟାମାନଙ୍କର ଏକ ବିଶାଳ ବୈଠକ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା । ଆଜିର ବୈଠକରେ ବରିଷ୍ଠ ସଦସ୍ୟ ଡଃ ଦ୍ୱାରୀକା ନାଥ ମହାନ୍ତି, ଡଃ ସେବା ମହାପାତ୍ର, ଦୁର୍ଗା ପ୍ରସାଦ ପାଢୀ, ନିମାଇଁ ଚରଣ ଦାସ, ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଓ ବାସନ୍ତି ତ୍ରିପାଠୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଅନୁଷ୍ଠାନର ଆବାହକ ଦିଲ୍ଲୀପ ଦାଶଶର୍ମା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ରାଉରକେଲା ଛାତ୍ର କଂଗ୍ରେସ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ

ରାଉରକେଲା (ପିଏନ୍): ରାଉରକେଲା ଜିଲ୍ଲା ଛାତ୍ର କଂଗ୍ରେସ ନେତା ସୁନୀଲ ନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସୋସିଆଲ ମିଡିଆ ସଂଯୋଜିକା ନାଜିଆ ପରବିନ ଓ ପ୍ରଦୀକ ବର୍ମାଙ୍କ ମିଳିତ ନେତୃତ୍ୱରେ ଶତାଧିକ ଛାତ୍ର କଂଗ୍ରେସ କର୍ମୀ ଅନ୍‌ଲାଇନ୍ ପରୀକ୍ଷା କରିବା ଓ ରାଉରକେଲା ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିକ୍ଷୋଭ ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରିଛନ୍ତି । ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କରୋନା ମହାମାରୀ ଯୋଗୁଁ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରିବାରେ ଗୁରୁତର ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ସମ୍ପ୍ରତି କରୋନାର ଦ୍ୱିତୀୟ ଲହରୀ ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ ଜିଲ୍ଲାରେ ଆତଙ୍କ ସୃଷ୍ଟି କରିଛି । ପ୍ରତ୍ୟେକ ଦିନ ଶତାଧିକ କରୋନା ରୋଗୀ ଏବେ ଜିଲ୍ଲାରେ ଚିହ୍ନଟ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ଜୀବନର ସୁରକ୍ଷା ଦୃଷ୍ଟିରୁ ଅଫ୍‌ଲାଇନରେ ପରୀକ୍ଷା କରିବା ପରିବର୍ତ୍ତେ ଅନ୍‌ଲାଇନ୍‌ରେ ପରୀକ୍ଷା ପରିଚାଳନା ପାଇଁ ରାଉରକେଲା ଛାତ୍ର କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ଜରିଆରେ ଦାବି କରାଯାଇଛି । ଏଥିସହ ରାଉରକେଲା କଲେଜର ମୁଖ୍ୟ କିରାଣୀ ସୃଷ୍ଟିଧର ଦାସ ଗତ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ ଅଛନ୍ତି । ଶ୍ରୀ ଦାସ ଗତ ତା-୨୦.୮.୨୦ ରିଖରେ ଅଫିସ୍ ସୁପରିନଟେଣ୍ଡେଣ୍ଟ ପଦବୀକୁ ପଦୋନ୍ନତି ହୋଇ ଖଲ୍ଲିକୋଟ ସ୍ୱୟଂଶାସିତ କଲେଜରେ ନିଯୁକ୍ତି ପାଇ ଅର୍ଡର ହୋଇଥିଲେ ହେଁ ଉକ୍ତ ପଦୋନ୍ନତିକୁ ପ୍ରତ୍ୟାଖ୍ୟାନ କରି ଶ୍ରୀ ଦାସ ରାଉରକେଲା କଲେଜରେ ଗାଦି ମାଡି ବସିଛନ୍ତି । ଏହି ପଦୋନ୍ନତି ସମ୍ପର୍କରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମେମୋ ନଂ.୨୬୮୯୫ରେ ରାଉରକେଲା କଲେଜ ଅଧକ୍ଷଙ୍କୁ ଅବଗତ କରାଯାଇ ତୁରନ୍ତ ଶ୍ରୀ ଦାସଙ୍କୁ କଲେଜରୁ ରିଲିଫ୍ କରିବାର ନିର୍ଦ୍ଦେଶ ଦିଆଯାଇଥିଲେ ମଧ ଅଧକ୍ଷ ଉକ୍ତ ନିର୍ଦ୍ଦେଶ ପାଳନ କରିବାକୁ ଉଚିତ୍ ମଣୁନାହାଁନ୍ତି । ମୁଖ୍ୟ କିରାଣୀ ଶ୍ରୀ ଦାସ କଲେଜ ପରିସରରେ ଅଟ୍ଟାଳିକା ନିର୍ମାଣ କରି ରହୁଥିବା ବେଳେ କଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା ଅନ୍ୟ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ସମସ୍ତଙ୍କ ଉପରେ ଜୁଲମ ଚଳାଇଛନ୍ତି । ବିଭିନ୍ନ ଭ୍ରଷ୍ଟାଚାର ଓ ଅତ୍ୟାଚାରରେ ଲିପ୍ତ ଥିବା ମୁଖ୍ୟ କିରାଣୀ ଶ୍ରୀ ଦାସଙ୍କ କଳା କାରନାମା ସମ୍ପର୍କରେ ତଦନ୍ତ କରି ତୁରନ୍ତ ତାଙ୍କୁ ପଦବୀରୁ ବହିଷ୍କାର ପାଇଁ ରାଉରକେଲା ଛାତ୍ର କଂଗ୍ରେସ ଦାବି କରିଛି । କଲେଜ ଅଧକ୍ଷା ଦାୟିତ୍ୱରେ ଥିବା ଅଧ୍ୟାପିକା ସୁଜାତା ପ୍ରଧାନ ଉକ୍ତ କିରାଣୀ ଶ୍ରୀ ଦାସଙ୍କୁ ତାଙ୍କର ସମସ୍ତ କଳା କାରନାମାରେ ସହଯୋଗ କରୁଛନ୍ତି । ଫଳରେ କଲେଜ ପରିସରରେ ଶିକ୍ଷାର ବାତାବରଣରେ ଘୋର ଅବନ୍ନତି ପରିଲକ୍ଷିତ ହେଉଛି । ତେଣୁ ଶ୍ରୀମତୀ ପ୍ରଧାନଙ୍କୁ ଅଧକ୍ଷା ଦାୟିତ୍ୱରୁ ତୁରନ୍ତ ଅବ୍ୟାହତି ଦିଆଯାଇ ଜଣେ ଦକ୍ଷ ଅଧକ୍ଷଙ୍କୁ ନିଯୁକ୍ତି କରିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ଆର୍.ପି. ସିଂହ, ଓବିସି ଅଧକ୍ଷ କୈଳାସ ସାହୁ, ବରିଷ୍ଠ ନେତା କୀର୍ତ୍ତନ ଦାସ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, ରାଜେନ୍ଦ୍ର ରଜାକ, ସୁନୀଲ ସିଂହ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସମ୍ପ୍ରତି କରୋନା ସମୟରେ ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ପ୍ରତି ସରକାର ଦୃଷ୍ଟି ଦେଇ ଛାତ୍ର କଂଗ୍ରେସର ଦାବି ଅବିଳମ୍ବେ ପୂରଣ କରାଯିବା ଉଚିତ୍ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ନାଜିୟା ପରବିନ, ପିଣ୍ଟୁ ବର୍ମା ସହଯୋଗ କରିଥିବା ବେଳେ କଲେଜ ଛାତ୍ରନେତା ସୁଲେଖା ତନ୍ତୀ, ଅଭିଷେକ ସ୍ୱାଇଁ, ଅଭିଷେକ ସାହୁ, ନେହା ବିଶ୍ୱକର୍ମା, ପ୍ରୀତି କିସ୍‌ପଟ୍ଟା, ବିକି ସିଂହ, ବିକି ରାଓ, ସୁଖବିନ୍ଦର ସିଂହ, ରାଜା ତ’ୀ, ରାଜଶ୍ରୀ ସାମଲ, ସ୍ୱରୂପା ବାରିକ, ଦେବାଶିଷ ମହାନ୍ତି, ଅନୀତା ପରିଡା, ସୁବାଷ ଲେଙ୍କା, ସୁଶୀଲ ଦାସ, ଶମ୍ଭୁ ନାୟକ, ସୀମା ନାଗ, ରାହୁଲ ଜାକର, ଶ୍ରୀଧନ ପଟେଲ, ଆରୋହୀ ସିଂହ, ରାଜଶ୍ରୀ ଧଳ, ଦୀପକ ସାହୁ, ରୁଦ୍ର ସାହୁ, ବିକାଶ ନାୟକଙ୍କ ସମେତ ଶତାଧିକ ଛାତ୍ର କର୍ମୀ ଏହି ବିକ୍ଷୋଭରେ ସାମିଲ୍ ହୋଇଥିଲେ ।

## ଶ୍ରମିକନେତାଙ୍କ ଦ୍ୱାରା ସରକାରୀ କର୍ମଚାରୀ ସମ୍ବର୍ଦ୍ଧିତ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପରିଷଦ କାର୍ଯ୍ୟାଳୟର ବରିଷ୍ଠ ସହାୟକ ମନୋଜ କୁମାର ପରିଡାଙ୍କୁ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ ସମ୍ବର୍ଦ୍ଧିତ କରିଛନ୍ତି । ଜଣେ ସଚ୍ଚୋଟ, କର୍ତ୍ତବ୍ୟପରାୟଣ, ନିଷ୍ଠାପର ସରକାରୀ କର୍ମଚାରୀ, ମିଷ୍ଟଭାଷୀ, ନିରବଚ୍ଛିନ୍ନ ଭାବେ ସେବା ମନୋଭାବ ନେଇ ଜନସାଧାରଣଙ୍କ ସେବା କରୁଥିବା ଓ ଭୟଙ୍କର ମହାମାରୀ କୋଭିଡ ସମୟରେ ନିଜ ଜୀବନକୁ ବିପନ୍ନ କରି ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସେବା କରିବାର ମନୋଭାବ ଯୋଗୁଁ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିବା ଶ୍ରୀ ପରିଡାଙ୍କୁ ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଙ୍ଘ ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ପହଁଚି ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଙ୍ଘର ପ୍ରଦୀପ୍ତ ସାମଲ, ମନୋଜ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦ୍ରାପଡା ଜିଲ୍ଲା ଘରୋଇ ବସ ମାଲିକ ସଙ୍ଘ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଘରୋଇ ବସ ମାଲିକ ସଙ୍ଘ ପକ୍ଷରୁ ସହରର ତିନିମୁହାଣି ଛକରେ ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପଥଚାରୀମାନଙ୍କୁ ଦହି ସର୍ବତ ପ୍ରଦାନ କରାଯାଇଥିଲା । ପ୍ରବଳ ଗ୍ରୀଷ୍ମପ୍ରବାହରେ କଟକ-ଚାନ୍ଦବାଲି ରାସ୍ତାରେ ଯାଉଥିବା ଯାତ୍ରୀ ଓ ପଥଚାରୀମାନଙ୍କୁ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଘରୋଇ ବସ ମାଲିକ ସଙ୍ଘ ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଙ୍ଘର ସଭାପତି ବିବେକାନନ୍ଦ ମହାରଣା, ଉପସଭାପତି ଦେବାଶିଷ ପଣ୍ଡା, ସମ୍ପାଦକ ସୁଜିତ କୁମାର ବଳ, ସହ-ସମ୍ପାଦକ ମହେନ୍ଦ୍ର ମିଶ୍ର (ବାବୁନା), କୋଷାଧକ୍ଷ ଦିଲ୍ଲୀପ ମହାନ୍ତି, ମୀନକେତନ ରାୟ, ବୁଲବୁଲ ରାୟ, ନିୟାମତ ଖାଁ, ନୃସିଂହ ପଣ୍ଡା, ଭାସ୍କର ପଣ୍ଡା, ପ୍ରଭାଶିଷ ପଣ୍ଡା, ପବିତ୍ର ସ୍ୱାଇଁ ଓ ଟିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପି ମହିଳା ମୋର୍ଚ୍ଚା ଟିମର ଯୌନ କେଲେଙ୍କାରୀର ତଦନ୍ତ ପାଇଁ ଲୁଥେରାନ ମହିଳା ସମିତି ଗସ୍ତ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ମହାକାଳପଡା ବ୍ଲକ ଅଧିନ ପାଟଳିପଙ୍କ ଲୁଥେରାନ ମହିଳା ସମିତିର ଜନୈକ ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ ପରେ ପିଡିତାଙ୍କର ଏକ ଶିଶୁପୁତ୍ର ଜନ୍ମ ହେବା ନେଇ ଅଭିଯୋଗ ପାଇବା ପରେ ସେହି ଘଟଣାର ତଦନ୍ତ ପାଇଁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ସେଠାରେ ପହଁଚିଥିଲେ । ଆୟୋଗର ଅଧକ୍ଷା ଲୁଥେରାନରେ ପହଁଚିବା ପରେ ସେଠାରେ ଚାଲିଥିବା ସ୍ୱାଧାର ଗୃହ, ଶିଶୁ ଯତ୍ନ ଗୃହ ଓ ଜରାନିବାସ ବୁଲି ଦେଖିବା ପରେ ସେଠାରେ ରହୁଥିବା ଅସହାୟ ମହିଳା, ଶିଶୁ, ବୃଦ୍ଧ/ବୃଦ୍ଧାମାନଙ୍କ ସମ୍ପର୍କରେ ପଚାରି ବୁଝିବା ସହ ଅନ୍ତେବାସୀଙ୍କଠାରୁ ବୟାନ ନେଇଥିଲେ । ଏଥିସହ ବହୁ ଅବ୍ୟବସ୍ଥା ମଧ୍ୟରେ ସେସବୁ ପ୍ରକଳ୍ପ ଚାଲୁଥିବା ଓ ଅସୁରକ୍ଷିତ ଭାବରେ ଅନ୍ତେବାସୀମାନେ ରହୁଥିବା ଅନୁଭବ କରି ସେ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସରକାର ଓ ଜିଲ୍ଲା ପ୍ରଶାସନଙ୍କୁ ସୁପାରିଶ କରିବେ ବୋଲି କହିଥିଲେ ଆୟୋଗର ଅଧକ୍ଷା । ସେଠାରେ ଥିବା କର୍ମଚାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ସମାଜକଲ୍ୟାଣ ବିଭାଗ ସଠିକ ଭାବେ କାମ କରୁନଥିବା ସେ କହିଥିଲେ । ତେବେ ସେହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦଙ୍କ ନେତୃତ୍ୱରେ ଏକ ଟିମ ଶୁକ୍ରବାର ପାଟଳିପଙ୍କସ୍ଥିତ ଲୁଥେରାନରେ ପହଁଚି ଅନ୍ତେବାସୀଙ୍କ ସମସ୍ୟା ସମ୍ପର୍କରେ ବୁଝିବା ସହ ଶିଶୁ ମଙ୍ଗଳ ସମିତି ଓ ଜିଲ୍ଲାପାଳଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ । ତେବେ ପିଡିତାଙ୍କ ଅଭିଯୋଗ ରୁଜୁ କରିବା ପରେ ଅଦ୍ୟାବଧି ସମିତିର ସଭାପତି ପ୍ରମିଳା ତ୍ରିପାଠୀ ଏବଂ ତାଙ୍କ ଭାଇ ଅଭିଯୁକ୍ତ ଜଗନ୍ନାଥ ତ୍ରିପାଠୀଙ୍କୁ କାହିଁକି ଗିରଫ କରୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିନେଇ ପ୍ରତିନିଧିର ମଣ୍ଡଳୀ ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଭେଟି ଆଲୋଚନା କରିବା ସହ ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୋର୍ଚ୍ଚାର ସାଧାରଣ ସମ୍ପାଦିକା ଉଷାରାଣୀ ମିଶ୍ର, କାବେରୀ ବେହେରା, ବନ୍ଦନା ରାଉତରାୟ, ମିନତୀ ମହାନ୍ତି, ସଂଯୁକ୍ତା ରାଉତ, ପ୍ରତିମା ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

## ଖୋର୍ଦ୍ଧାରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ

ଖୋର୍ଦ୍ଧା (ପିଏନ୍): ଭାରତୀୟ ଜନତା ପାର୍ଟିର ୪୧ତମ ପ୍ରତିଷ୍ଠା ଦିବସ ମଳିପଡ଼ାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି । ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀ ରଂଜନ ମଙ୍ଗରାଜଙ୍କ ସଂଚାଳନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପାର୍ଟିର ପୂର୍ବ ରୂପ ଜନ ସଂଘର ପ୍ରତିଷ୍ଠାତା ଡ଼କ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ପ୍ରତିଷ୍ଠାତା ସଦସ୍ୟ ତଥା ଚିନ୍ତାନାୟକ, ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟ ଏବଂ ଭାରତମାତାର ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଦେଶ ବନ୍ଦନା ଗାନ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନଙ୍କୁ ମୁଖ୍ୟଅତିଥି ଶ୍ରୀ ଖଣ୍ଡେଇତରାୟ ପାର୍ଟି ପ୍ରତି ନିଷ୍ଠାବାନ ଏବଂ ସଂଗଠିତ ହୋଇ କାର୍ଯ୍ୟକ୍ରମ କରିବା ସହିତ ଓ୍ୱାର୍ଡ ସଂଗଠନକୁ ମଜଭୁଦ କରିବା ପାଇଁ ଶପଥ ପାଠ କରାଇଥିଲେ। ପାର୍ଟିର ଇତିହାସ ଏବଂ ଦେଶ ଗଠନରେ ବିଜେପିର ଅବଦାନ ଏବଂ ନେତୃମଣ୍ଡଳୀଙ୍କ ବଳିଦାନ ସମ୍ପର୍କରେ ଶ୍ରୀ ରଂଜନ ମଙ୍ଗରାଜ ନିଜର ମତ ବ୍ୟକ୍ତ କରିଥିଲେ। ଦକ୍ଷିଣ ମଣ୍ଡଳ ସଭାପତି ସୀତାରାମ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ବଡ଼ପୋଖରୀଆ ମଣ୍ଡଳ ସଭାପତି ବିପିନ କୁମାର ପାଲଟାସିଂହ ଜିଲ୍ଲା କାର୍ଯ୍ୟକାରୀଣୀ ସଦସ୍ୟ କିଶୋର ବରାଳ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଆଶିଷ ବରିଶଲ, ପୂର୍ବତନ ମଣ୍ଡଳ ସଭାପତି ରମାକାନ୍ତ ଜେନା, ଯୁବନେତା ବିଶ୍ୱଭୂଷଣ ପଟ୍ଟନାୟକ, ଗଙ୍ଗାଧର ଚମ୍ପତି, ମାନସ ବିଶ୍ୱାଳ ଓ ବିଜୟ ପାଇକରାୟ ପ୍ରମୁଖ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।




## କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ରାଜ୍ୟ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ ଅଭିଯାନ କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଭାରତୀୟ ଜନତା ପାର୍ଟୀର ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା କୋଭିଡ୍ ୩ୟ ଲହରର ମୁକାବିଲା ପାଇଁ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେବା ସହ ରାଷ୍ଟ୍ରୀୟ ସ୍ତରରେ ଗୋଟିଏ ଗ୍ରାମସ୍ତରୀୟ ପ୍ରସ୍ତୁତି ଟିମ୍ ପ୍ରସ୍ତୁତିର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ଗତ ଜୁଲାଇ ମାସ ୨୮ରେ ଶ୍ରୀ ନଡ୍ଡା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ ଅଭିଯାନର ଶୁଭାରମ୍ଭ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ୩୩ଟି ରାଜ୍ୟର ୧୨୧ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ପ୍ରତ୍ୟେକ ଗ୍ରାମରେ ୨ ଜଣ ତଥା ଦେଶର ପ୍ରାୟ ୨ ଲକ୍ଷ ଗ୍ରାମରେ ୪ ଲକ୍ଷ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ (ହେଲ୍ଥ ଭଲେଂଟିଅର)ଙ୍କୁ ପ୍ରଶିକ୍ଷଣ ଦିଆଯାଇ ସାମ୍ଭାବ୍ୟ କୋଭିଡ୍ ୩ ଲହରର ସଂକ୍ରମଣକୁ ମୁକାବିଲା ପାଇଁ ପ୍ରସ୍ତୁତ ରହିବେ । ଏହି ସଂକଟ ସମୟରେ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକମାନେ ଦେଶର ସମସ୍ତ ଗ୍ରାମାଂଚଳ ଓ ସହରାଂଚଳରେ ସମାଜସେବା କରିବା ସହିତ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ସହାୟକ ହେବେ । ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକମାନେ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନକୁ ସହଯୋଗ ଓ ସହାୟତା କରି କୋଭିଡ୍ ସଂକ୍ରମଣର ଭୟାବହତା ସମ୍ପର୍କରେ ସଚେତନ ସୃଷ୍ଟି କରିବା ସହ କୋଭିଡ୍ ଗାଇଡଲାଇନକୁ ସଂପୂର୍ଣ୍ଣ ରୂପେ ପାଳନ କରିବା ପାଇଁ ସଚେତନତା ସୃଷ୍ଟି କରିବେ ବୋଲି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବୀ ଅଭିଯାନର ରାଷ୍ଟ୍ରୀୟ ସଂଯୋଜକ ତଥା ହିମାଚଳ ପ୍ରଦେଶର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ରାଜୀବ ବିନ୍ଦଲ କହିଛନ୍ତି । କୋଭିଡ୍ ସଂକ୍ରମଣର ସାମ୍ଭାବ୍ୟ ୩ୟ ଲହରକୁ ସଫଳ ସହ ମୁକାବିଲା ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ ଅଭିଯାନ ଆଧାରରେ ଓଡିଶା ପ୍ରଦେଶରେ ମଧ୍ୟ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ (ହେଲ୍ଥ ଭଲେଂଟିଅର)ଙ୍କୁ ପ୍ରଶିକ୍ଷଣ ଦିଆଯାଇ ପ୍ରସ୍ତୁତ ରଖାଯିବ ।

## ବିଜେପିର ରାଜ୍ୟସ୍ତରୀୟ ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ସମ୍ମିଳନୀ

ଭୁବନେଶ୍ୱର: ଶାସକ ବିଜେଡି ଦଳ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟକୁ ଜୋରଜବରଦସ୍ତ ଭାବେ ଅକ୍ତିଆର କରି ଦୁର୍ନୀତିର ଗନ୍ତାଘର କରିଦେଇଛି । ସାଧାରଣ ଜନତାଙ୍କ ପାଇଁ ଆସୁଥିବା ବିଭିନ୍ନ ପ୍ରକାରର ଜନକଲ୍ୟାଣ ଯୋଜନାଗୁଡ଼ିକୁ ଶାସକ ଦଳର ପ୍ରତ୍ୟକ୍ଷ ପ୍ରରୋଚନାରେ ଅମଲାମାନଙ୍କ ଜରିଆରେ ବ୍ୟାପକ ହରିଲୁଟ୍ କରାଯାଉଛି । ବ୍ଲକ ଓ ପଂଚାୟତକୁ ଶାସକ ଦଳ ତାଙ୍କର ଅର୍ଥ ରୋଜଗାର କରିବାର ସଂସ୍ଥା ଭଳି ବ୍ୟବହାର କରୁଛନ୍ତି । ପଂଚାୟତ ସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କର କ୍ଷମତାକୁ ସଂକୁଚିତ କରାଯାଇ ତାଙ୍କ ଗୁରୁତ୍ୱକୁ ହ୍ରାସ କରାଯାଇଛି । ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ସରକାର ବିଡିଓଙ୍କୁ ଅଧିକ କ୍ଷମତାଶାଳୀ କରି ବ୍ୟାପକ ଦୁର୍ନୀତିର ମାଧ୍ୟମ କରିଛନ୍ତି । ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ଆଦି ହିତାଧିକାରୀ ଚୟନ ପ୍ରକ୍ରିୟାରେ ପଂଚାୟତ ସ୍ତରର ନିର୍ବାଚିତ ଜନପ୍ରତିନିଧିମାନଙ୍କ କୌଣସି ଭୂମିକା ରହୁ ନାହିଁ । ହିତାଧିକାରୀ ତାଲିକା ଦଳୀୟ ଆଧାରରେ ସିଧାସଳଖ ଶାସକ ଦଳର ବିଧାୟକଙ୍କ ଘରେ ପ୍ରସ୍ତୁତ ହେଉଛି । ସାଧାରଣ ଗରୀବ ଏବଂ ପ୍ରକୃତ ହିତାଧିକାରୀ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଂଚିତ ହେଉଛନ୍ତି । ସାଧାରଣ ଗରୀବ ଓ ପ୍ରକୃତ ହିତାଧିକାରୀଙ୍କୁ ତାଙ୍କ ନ୍ୟାଯ୍ୟ ହକ୍ ପ୍ରଦାନ କରିବା ପାଇଁ ବିଜେପି ତରଫରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଆଜି ଅନୁଷ୍ଠିତ ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ କର୍ମଶାଳାରେ ନିଷ୍ପତି ନିଆଯାଇଛି ବୋଲି ପଂଚାୟତିରାଜ ସମିତିର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି କହିଛନ୍ତି । ଆଜିର ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ଉପସଭାପତି ଅନୀତା ଶୁଭଦର୍ଶିନୀ, ରାଜ୍ୟ ସଂଯୋଜକ ଶଙ୍କର ପରିଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ସୁଶାନ୍ତ ପ୍ରଧାନ, ବିନାୟକ ତ୍ରିପାଠୀ, ପ୍ରଶାନ୍ତ ଆଦିତ୍ୟ ଓ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ ।

## କୋଟିଆ ବିଭାଜନ ନେଇ ଆନ୍ଧ୍ରର ଷଡ଼ଯନ୍ତ୍ର : ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼ାକିବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର : ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼ାକିବା ଓ ଗୃହ କମିଟି କୋଟିଆ ଯିବାକୁ ସମାଜବାଦୀ ପାର୍ଟି ଦାବି କରିଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଚିଠିରେ ପ୍ରକାଶ କରିଛନ୍ତି ଯେ, ଯେତେବେଳେ ସୁପ୍ରିମକୋର୍ଟରେ କୋଟିଆରେ ପଂଚାୟତ ନିର୍ବାଚନକୁ ନେଇ ମୋକଦ୍ଦମା ଚାଲିଛି, ସେହି ସମୟରେ ଆନ୍ଧ୍ର ସରକାର କୋଟିଆ ଗ୍ରାମପୁଞ୍ଜିରେ ଆଦିବାସୀ ମାନଙ୍କୁ ଜଙ୍ଗଲ ଜମିର ପଟ୍ଟା ଦେବା ଓ ସେହି ଅଂଚଳରେ ତେଲୁଗୁରେ ଲିଖିତ ଫଳକ ଲଗାଇବା ସୁପ୍ରିମକୋର୍ଟଙ୍କର ସ୍ଥିତାବସ୍ଥାର ଉଲଂଘନ। ଓଡ଼ିଶା ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଦାବି କରିଛନ୍ତି। ବିଧାନସଭାର ମାନ୍ୟବର ବିଧାୟକମାନେ କୋଟିଆ ଗ୍ରସ୍ତରେ ଯାଇ ସେଠାକାର ଲୋକଙ୍କ ପାଖରେ ଯୋଜନାର ସୁଫଳ କିପରି ପହଂଚିବ, ସେଠାରେ ଓଡ଼ିଆ ଭାଷା ଓ ସଂସ୍କୃତିର ଅଭିବୃଦ୍ଧି ହୋଇପାରିବ, ସେ ଦିଗରେ ଗୃହ କମିଟି ଉଦ୍ୟମ କରିବା ଦରକାର। କେବଳ କୋଟିଆ ନୁହେଁ, ଆନ୍ଧ୍ର କବ୍‌ଜା କରିବାକୁ ଯାଉଥିବା ଗଜପତି, ଗଞ୍ଜାମ ଓ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଅଂଚଳ, ଛତିଶଗଡ଼ ଆଖି ପକାଇଥିବା ନୂଆପଡ଼ା ଜିଲ୍ଲାର ବିବାଦୀୟ ଅ ଳ ଏବଂ ପଶ୍ଚିମବଙ୍ଗ କବ୍‌ଜା କରିବାକୁ ଉଦ୍ୟମ କରୁଥିବା ଉଦୟପୁର ଅ ଳ ଓ ମୟୁରଭଞ୍ଜ ଜିଲ୍ଲାର ଝାଡ଼ଖଣ୍ଡ କବ୍‌ଜାରେ ଥିବା ବିବାଦୀୟ ଅ ଳକୁ ଗୃହ କମିଟି ଗ୍ରସ୍ତ କରି ଏହାର ସମାଧାନ କରିବା ଉଚିତ। ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସର୍ବଦଳୀୟ ଗୃହ କମିଟିର ପ୍ରତିନିଧିମାନେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଦାବି କରିଛନ୍ତି।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡ଼ିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

## ରାଜ୍ୟସଭାରେ ଗୃହୀତ ହେଲା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍-୨୦୨୧

ନୂଆଦିଲ୍ଲୀ/ଭୁବନେଶ୍ୱର : କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ରାଜ୍ୟସଭାରେ କେନ୍ଦ୍ର ଶାସିତ ଅଂଚଳ ଲଦାଖରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ନେଇ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ, ୨୦୨୧ ଉପରେ ପ୍ରତିକ୍ରିୟା ରଖିବା ପରେ ରାଜ୍ୟସଭାରେ ଏହି ବିଲ୍ ଗୃହୀତ ହୋଇଛି ।ଗୃହରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ, ୨୦୨୧ ଉପରେ ପ୍ରତିକ୍ରିୟାରେ ଶ୍ରୀ ପ୍ରଧାନ କହିଛନ୍ତି ଭାରତ ସରକାର ଲେହ, ଲଦାଖ ଏବଂ କାର୍ଗିଲରେ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଲଦାଖରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଭାରତ ସରକାରଙ୍କ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକରେ ସାମ୍ବିଧାନିକ ଆରକ୍ଷଣ ଦେବା ପାଇଁ କଟିବଦ୍ଧ। କେବଳ ଓବିସି ବର୍ଗ ନୁହେଁ ବରଂ ଅନୁସୂଚିତ ଜାତି(ଏସସି), ଅନୁସୂଚିତ ଜନଜାତି(ଏସଟି) ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ(ଇଡବ୍ଲୁଏସ)ଙ୍କ ପାଇଁ ଆରକ୍ଷଣର ସାମ୍ବିଧାନିକ ବ୍ୟବସ୍ଥା ହୋଇଛି ।ନିକଟରେ ଚଳିତ ୨୦୨୧-୨୨ ଶିକ୍ଷା ବର୍ଷରୁ ମେଡ଼ିକାଲ ଏବଂ ଡେଂଟାଲ ପାଠ୍ୟକ୍ରମରେ ସ୍ନାତକ ଏବଂ ସ୍ନାତକତୋରରେ ସର୍ବଭାରତୀୟ କୋଟା(ଏଆଇକ୍ୟୁ) ଯୋଜନାରେ ଓବିସିଙ୍କୁ ୨୭ ପ୍ରତିଶତ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ)ର ଛାତ୍ରଛାତ୍ରୀଙ୍କ ପାଇଁ ୧୦ ପ୍ରତିଶତ ଆରକ୍ଷଣର ଐତିହାସିକ ନିଷ୍ପତି ନିଆଯାଇଛି ।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଣ୍ଟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଣ୍ଟକ୍ଷପ୍ତ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଣ୍ଟକ୍ଷପ୍ତ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

### ଫାୟାର ସର୍ଭିସ୍ ରେ ହୋମଗାର୍ଡମାନଙ୍କ ପାଇଁ ୧୦ପ୍ରତିଶତ ସଂରକ୍ଷଣ

ଭୁବନେଶ୍ୱର: ଓଡିଶା ଅଗ୍ନିଶମ ସେବା ସି ବର୍ଗ ଅଧିକାରୀ ମାନଙ୍କ ନିଯୁକ୍ତି ଓ ଚାକିରୀ ସର୍ତାବଳୀ -୨୦୨୧ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ଦିଆଯାଇଛି । ଆଗ୍ନିକ ପଦବୀ ପାଇଁ ସିଧାସଳଖ ନିଯୁକ୍ତି ପ୍ରକ୍ରିୟାରେ ୧୦୦ ନମ୍ବର ଲିଖିତ ପରୀକ୍ଷା, ଶାରୀରିକ ମାପ ଓ ଦକ୍ଷତାର ପରୀକ୍ଷା କରାଯାଇଥାଏ। ସେହି ବର୍ଗରେ ନିଯୁକ୍ତି ନିମନ୍ତେ ଶିକ୍ଷାଗତ ଯୋଗ୍ୟ ଯୁକ୍ତ ଦୁଇ ଅବା ତଦୁର୍ଦ୍ଧ୍ୱ ହୋଇଥିବାବେଳେ ହୋମଗାର୍ଡମାନଙ୍କ ପାଇଁ ୧୦ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ। ସହାୟକ ଆଗ୍ନିକ ପଦବୀକୁ ଇଚ୍ଛୁକ ଆଗ୍ନିକ ଓ ଆଗ୍ନିକ(ଡ୍ରାଇଭର)ଙ୍କ ମଧ୍ୟରୁ ଚୟନ କରାଯିବ।




# ସାର୍ବଜନିନ ଟିକାକରଣ ଓ ପରୀକ୍ଷା ବୃଦ୍ଧି ନିମନ୍ତେ ସିପିଆଇ(ଏମ୍)ର ଦାବି

ଭୁବନେଶ୍ୱର (ପିଏନ୍): ସମଗ୍ର ଦେଶର କରୋନାର ଦ୍ୱିତୀୟ ଲହର ତାଣ୍ଡବ ସୃଷ୍ଟି କଲାଣି । କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତରେ କରୋନା ସଂକ୍ରମଣ ରୋକିବା ରେ ବିଶ୍ୱରେ ଉଦାହରଣ ସ୍ତରୀୟ ହୋଇଥିବା ଏକ ମିଥ୍ୟା ଆସ୍ଫାଳନ ରୂପେ ପ୍ରତିପାଦିତ ହୋଇଛି । ସଂକ୍ରମଣ ସଂଖ୍ୟା ଦୃଷ୍ଟିରୁ ବିଶ୍ୱର ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଉନ୍ନିତ ହେବା ହିଁ ଆମ ସଫଳତା । ଦେଶରେ ଦୈନିକ ସଂକ୍ରମିତ ସଂଖ୍ୟା ୨ ଲକ୍ଷରୁ ଅଧିକ ହେବା ପୂର୍ବରୁ କେବେ ଦେଖା ଦେଇ ନଥିଲା । ମୃତକଙ୍କ ସଂଖ୍ୟା ମଧ ଉଦ୍‌ବେଗଜନକ ଅବସ୍ଥାରେ ପହଞ୍ଚିଛି । ବିଶେଷ କରି ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଉତ୍ତରାଖଣ୍ଡ, କର୍ଣ୍ଣାଟକ ପରି ବିଜେପି ଶାସିତ ରାଜ୍ୟ ଗୁଡିକର ଅବସ୍ଥା ଅତ୍ୟନ୍ତ ସଙ୍ଗୀନ । ହସପିଟାଲରେ ଖଟିଆ ନାହିଁ । ମୃତ ବ୍ୟକ୍ତିଙ୍କ ଶବ ସତ୍କାର ପାଇଁ ଶ୍ମଶାନରେ ସ୍ଥାନ ନାହିଁ । ଏବେ ବିଭିନ୍ନ ରାଜ୍ୟରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟାକୁ ନ୍ୟୁନ କରି ଦେଖାଯାଉଛି । ଟିକା ଉତ୍ସବ ପାଳନ କେବଳ ଆତ୍ମପ୍ରଚାରରେ ସିମିତ । କେନ୍ଦ୍ର ସରକାର ଆବଶ୍ୟକ ପରିମାଣ ଟିକା ଯୋଗାଣ ନ କରିବାରୁ ଓଡିଶା ସମେତ ବହୁ ରାଜ୍ୟରେ ଟିକାଦାନ ବ୍ୟାହତ ହୋଇଛି । ଓଡିଶାର ଆବଶ୍ୟକତା ଅନୁଯାୟୀ କେନ୍ଦ୍ର ସରକାର ଟୀକା ଯୋଗାଇବା ପାଇଁ ଦାବୀ ଉଠାଇଛି । ଓଡିଶାରେ ମଧ କରୋନା ତା'ର କାୟା ବିସ୍ତାର କରି ଚାଲିଛି । ପିପିଲି ସମେତ ପୂର୍ବର ଉପନିର୍ବାଚନ ଗୁଡିକରେ ଲଗାମହୀନ ଜନ-ସମାବେଶ ଏବଂ କୁମ୍ଭମେଳା ପାଇଁ ଉତ୍ତରାଖଣ୍ଡ ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ସମାବେଶ କରୋନା ସ୍ଥିତିକୁ ଆହୁରି ଅଧିକ ଜଟିଳ କରିଛି ।

ଓଡିଶା ରାଜ୍ୟ ସରକାର କରୋନା ସଂକ୍ରମଣ ରୋକିବା ଲାଗି ବିଭିନ୍ନ ସଂସ୍ଥା ନିକଟରୁ ସଫଳତାର ସାର୍ଟିଫିକେଟ୍ ଯୋଗାଡ କରୋନା ସଂକ୍ରମଣ ବ୍ୟାପିବା ରୋକିବାରେ ସହାୟକ ହେବ କି ?

ଓଡିଶାରେ ଦ୍ୱିତୀୟ କରୋନା ସଂକ୍ରମଣର ଲହର ୪ ମାସରେ ୨ଗୁଣରୁ ଅଧିକ ବଢିଛି । ବାହାର ରାଜ୍ୟରୁ ଆସୁଥିବା ଲୋକ ଏବଂ ବିଦେଶରୁ ଆସୁଥିବା ଲୋକଙ୍କ କଡାକଡି ପରୀକ୍ଷା ନିଷ୍ପତ୍ତି କେବଳ ପ୍ରଚାରରେ ସିମୀତ । ରାଜ୍ୟରେ ଟିକାର ମଡକ ପଡିଛି । ଟିକା ପ୍ରଦାନକୁ ସାର୍ବଜାନିନ କରିବା ଦୂରର କଥା ସିମୀତ ବର୍ଗର ଲୋକଙ୍କ ପାଇଁ ଟିକା ନାହିଁ । ଏଣେ ପରିକ୍ଷାକୁ ନିରୁତ୍ସାହିତ କରାଯାଉଛି । ଲୋକଙ୍କୁ ନିଜ ଦାୟିତ୍ୱରେ ଛାଡି ଦିଆଯାଉଛି । ରାତ୍ରୀକାଳୀନ କର୍ଫ୍ୟୁ, ସମାବେଶ ଗୁଡିକରେ କଟକଣାକୁ ଲାଗୁ କରିବା ପାଇଁ ପୁଲିସର ମାତ୍ରାଧିକ କାର୍ଯ୍ୟ ଲୋକଙ୍କୁ ଭୟଭୀତ କରିବ । କରୋନା ସଂକ୍ରମଣ ରୋକିବା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । କେନ୍ଦ୍ର ନିକଟରେ ଏହି ଅର୍ଥ ପାଇଁ ରାଜ୍ୟ ସରକାର ଦାବୀ କରୁନାହାଁନ୍ତି ।

କରୋନାର ଦ୍ୱିତୀୟ ଲହର କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ ଜୀବନଜୀବିକାକୁ ଗଭୀର ଭାବେ ପ୍ରଭାବିତ କରିବ । ଏଣୁ ସି.ପି.ଆଇ. (ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଏକ ବିବୃତ୍ତିରେ ନିମ୍ନ ଦାବୀଗୁଡିକ ଉତ୍‌ଥାପନ କରାଯାଇଛି ।

ରାଜ୍ୟରେ ଟିକାକରଣକୁ ସାର୍ବଜନୀନ କରିବା ଏବଂ ଅଧିକ ପରୀକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଦରକାର । ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟର ସମସ୍ତ ଜିଲ୍ଲାରେ କୋଭିଡ୍ ହସ୍‌ପିଟାଲ ଓ କେନ୍ଦ୍ର ଗୁଡିକୁ ତୁରନ୍ତ ପୁନଃ ପ୍ରତିଷ୍ଠା କରିବା ଦରକାର । ହସ୍‌ପିଟାଲ ମଧରେ ଆବଶ୍ୟକୀୟ ସରଞ୍ଜାମ, ପିପିଇ କିଟ, ଅମ୍ଳଜାନ ବ୍ୟବସ୍ଥା କରିବା ଦରକାର ।

ଓଡିଶା ବାହାରେ ରହୁଥିବା ଇଚ୍ଛୁକ ପ୍ରବାସୀମାନଙ୍କୁ କରୋନା-ପ୍ରବଣ ରାଜ୍ୟରୁ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରିବାକୁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ରାଜ୍ୟ ସରକାର ଦାବୀ କରନ୍ତୁ । ରାଜ୍ୟକୁ ଫେରୁଥିବା ପ୍ରତ୍ୟେକ ଲୋକର ପରୀକ୍ଷା କରାଯାଉ ଏବଂ ତୁରନ୍ତ ରିପୋର୍ଟ ପ୍ରଦାନର ବ୍ୟବସ୍ଥା ହେଉ । ଜୀବିକା ସଙ୍କଟ ନିରାକରଣ ପାଇଁ ତୁରନ୍ତ ଖାଦ୍ୟ ଗୋଦାମରେ ପଡି ରହିଥିବା ଖାଦ୍ୟସାମଗ୍ରୀକୁ ମାଗଣା ବଣ୍ଟନ କରିବା ସହିତ ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ରାଶି ନଗଦ ପ୍ରଦାନ କରାଯାଉ ।

## 'ଆହ୍ୱାନ' ନାଟ୍ୟସଂସ୍ଥା ପକ୍ଷରୁ ଗୋଖନାରେ ଜଳଛତ୍ର ଓ ମାସ୍କ ବଣ୍ଟନ

ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲାର ଅଗ୍ରଣୀ ନାଟ୍ୟସଂସ୍ଥା 'ଆହ୍ୱାନ' ପକ୍ଷରୁ ପବିତ୍ର ରାମନବମୀ ଅବସରରେ ଗୋଖନା ଛକଠାରେ 'ଆହ୍ୱାନ' କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରେ ଯାଉଥିବା ବାଟୋଇମାନଙ୍କୁ ଜଳଛତ୍ର ମାଧ୍ୟମରେ ଦହି ସର୍ବତ ଓ ମାସ୍କ ବଣ୍ଟନ କରାଯାଇଥିଲା । 'ଆହ୍ୱାନ'ର ସମ୍ପାଦକ ବିଶ୍ୱଜିତ୍ ସାହୁଙ୍କ ଆବାହକତ୍ୱରେ ଜଳଛତ୍ର ଉଦ୍‌ଘାଟିତ ହେବା ସହିତ ଥଣ୍ଡା ଦହି ସର୍ବତ ସାଧାରଣ ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପ-ସଭାପତି ପାଣ୍ଡବ ଚରଣ ସାହୁ ଫିତାକାଟି ଜଳଛତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସମାଜସେବୀ ହୃଷିକେଶ ପତି, ସହସମ୍ପାଦକ ଅକ୍ଷୟ କୁମାର ପୃଷ୍ଟି, ସମାଜସେବୀ ଶଶୀଭୂଷଣ ସାମଲ, ଜିତେନ୍ଦ୍ର ବେହେରା, ଅଧିକାରୀ ନବକିଶୋର ଦାସ, ଶୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରୀଷ୍ମ ଋତୁରେ ଜଳଦାନ ଭଳି ମହତ କାର୍ଯ୍ୟକୁ ଆଗ୍ରହ ସହକାରେ ଆପଣେଇ ଥିବାରୁ 'ଆହ୍ୱାନ' ସଂସ୍ଥା ପ୍ରତି ଜନସାଧାରଣଙ୍କର ଆଦର ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଥିଲା ।

## ପଦ୍ମପୁର ଶିବ ମନ୍ଦିର ପରିସରରେ ଦିବ୍ୟ ଭବ୍ୟ ଯଜ୍ଞମଣ୍ଡପ ପ୍ରତିଷ୍ଠା

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରରେ ଅବସ୍ଥିତି ପଦ୍ମେଶ୍ୱର ଶୈବପୀଠ ପରିସରରେ ଏକ ଭବ୍ୟ ଦିବ୍ୟ ସୁନ୍ଦର ନୂତନ ଯଜ୍ଞ ମଣ୍ଡପର ପ୍ରତିଷ୍ଠା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞ ମଣ୍ଡପଟି ପଦ୍ମପୁର ଗ୍ରାମର ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଦୁଷ୍ମନ୍ତ ସାହୁଙ୍କ ପୂର୍ଣ୍ଣ ଅନୁଦାନରେ ନିର୍ମିତ ହୋଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା । କରୋନା ମହାମାରୀ ବିପତ୍ତି ସମୟରେ ନିର୍ମାଣ କାର୍ଯ୍ୟ ୧ ବର୍ଷ ବନ୍ଦ ରହିଥିଲା । ଏବେ ଯଜ୍ଞ ମଣ୍ଡପଟିର ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ପ୍ରତିଷ୍ଠା ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ଶୁଭ ମନାସିଛନ୍ତି । ପ୍ରତିଷ୍ଠା ଦିବସ ପୂଜାରେ କୁଳ ପୁରୋହିତ ହୃଦାନନ୍ଦ ଶତପଥି ପୂଜା କାର୍ଯ୍ୟ କରିଥିବା ବେଳେ ଦୁଷ୍ମନ୍ତ ସାହୁଙ୍କର ସୁପୁତ୍ର ଶ୍ରୀମାନ ମାନସ କୁମାର ସାହୁ ସଙ୍କଳ୍ପରେ ବସିଥିଲେ । କୋରନା କଟକଣା ନିୟମକୁ ପାଳନ କରି ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ଦଶରଥପୁର ବ୍ଲକ ବ୍ୟାପକ ଦୁର୍ନିତି ଓ ନନ୍ଦିପୁର ଗ୍ରାମପଞ୍ଚାୟତ ଅଫିସ ପୋଡିର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା କଂଗ୍ରେସ

ଯାଜପୁର (ପିଏନ୍): ଗତ ୧୭ ତାରିଖ ରାତ୍ରରେ ଘଟିଥିବା ଦଶରଥପୁର ବ୍ଲକ ଅଧିନସ୍ଥ ନନ୍ଦିପୁର ଓ ବିରୁହାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅଧିକାରୀ ସରପଞ୍ଚଓ ଦଶରଥପୁର ବ୍ଲକର କେତେକ କର୍ମଚାରୀଙ୍କ ପ୍ରରୋଚନାରେ ଅଫିସ କାଗଜପତ୍ରରେ ଅଗ୍ନିସଂଯୋଗ କରାଯାଇ ଲକ୍ଷ ଲକ୍ଷ ଟଙ୍କାର ଉପକରଣ ଧ୍ୱଂସ କରାଯାଇଛି । ଏଥିନିମନ୍ତେ ଦଶରଥପୁର ବ୍ଲକ କଂଗ୍ରେସ କମିଟିର ସଭାପତି ଶ୍ୟାମସୁନ୍ଦର କରଙ୍କ ନେତୃତ୍ୱରେ ଯାଜପୁର ବିଧାନସଭା ମଣ୍ଡଳୀର ନେତା ସନ୍ତୋଷ ନନ୍ଦ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନେତା ମନୋରଞ୍ଜନ ଦାସ, ପୂର୍ଣ୍ଣ ଚନ୍ଦ୍ର ଜେନା, ବିଜୟ ମହାପାତ୍ର ପ୍ରଭୃତି କଂଗ୍ରେସର କର୍ମୀମାନେ ଜିଲ୍ଲାପାଳଙ୍କୁ ଭେଟି ନରିପେକ୍ଷ ତଦନ୍ତ କରିବା ପାଇଁ ଦାବି କରିବା ସହିତ ଦୋଷୀକୁ ଦୃଷ୍ଟାନ୍ତମୁଳକ ଦଣ୍ଡବିଧାନ କରିବା ପାଇଁ ଦାବି କରିଥିଲେ । ଏଥିସହିତ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଦୁର୍ନିତିର ସ୍ୱତନ୍ତ୍ର ଅଡିଟ୍ କରିବା ସହ ଭିଜିଲାନ୍ସ ଇନ୍‌କ୍ୱାରି ପାଇଁ ଜିଲ୍ଲାପାଳଙ୍କୁ ପ୍ରତିନିଧି ଦଳ ଅନୁରୋଧ କରିଥିଲେ ।

## ବହୁଚର୍ଚ୍ଚିତ ଖଣ୍ଡରା ପଞ୍ଚାୟତ ଶୁଭଶ୍ରୀ ମୃତ୍ୟୁ ଘଟଣାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଂଗ୍ରେସ

ଯାଜପୁର (ପିଏନ୍): ଶୁଭଶ୍ରୀ ହତ୍ୟାକାଣ୍ଡକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ଘଟୁଥିବା ବେଳେ କଂଗ୍ରେସ ଦଳ ସରକାରୀ ଦଳର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କର ଏହି ହତ୍ୟାକାଣ୍ଡରେ ହାତ ରହିଛି ବୋଲି ଦାବିକରିଛି । ଜିଲ୍ଲାପାଳଙ୍କୁ ଭେଟି କଂଗ୍ରେସର ଏକ ପ୍ରତିନିଧି ଦଳ ମୃତ ଶୁଭଶ୍ରୀ ହତ୍ୟାକାଣ୍ଡ ସମ୍ପର୍କରେ ଅବଗତ କରାଇବା ସହ ପୁଲିସ୍ ପ୍ରଶାସନର ନିରବତା ସମ୍ପର୍କରେ ମଧ ଘଟଣାର ତତ୍ପରତା ପ୍ରକାଶ ନକରି ତିନି ମାସ ନୀରବ ବସିରହିବା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟକରିଛି । ପୋଲିସ୍ ଏହି ଘଟଣାକୁ ନେଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ହତ୍ୟାକାଣ୍ଡର ମୁଖ୍ୟ ଆଶାମୀ ଗରିଫ କରି ଓ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ବୋଲି କଂଗ୍ରେସ ଅଭିଯୋଗ କରିଛି । ଏଣୁ ପିଡିତାକୁ ନ୍ୟାୟ ମିଳିବା ସହିତ ୨୦ ଲକ୍ଷ ଟଙ୍କାର କ୍ଷତି ପୁରଣ ଦେବାକୁ କଂଗ୍ରେସର ପ୍ରତିନିଧିଳ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଘଟଣାର ସତ୍ୟ ପ୍ରକାଶ ନିମନ୍ତେ ବିଚାର ବିଭାଗୀୟ ତଦନ୍ତ ମଧ ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଯାଜପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନେତନା ମନୋରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା ସମେତ କଂଗ୍ରସ କର୍ମୀମାନେ ଜିଲ୍ଲାପାଳଙ୍କ ନିକଟରେ ଦତଦନ୍ତ ନିମନ୍ତେ ଅନୁରୋଧ କରିଛନ୍ତି ।

## ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଭାରତରତ୍ନ ପାଇଁ ଦାବି



ଭୁବନେଶ୍ୱର (ପିଏନ୍): ପ୍ରବୀଣ ଜନନାୟକ, ସାହିତ୍ୟିକ, ସଂପାଦକ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ତରଫରୁ ୬ତମ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା । ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସାଧାରଣ ସଂପାଦକ ତଥା ଯୁବ ସମାଜସେବୀ ଶ୍ରୀ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ), ସଭ୍ୟବୃନ୍ଦ, କର୍ମକର୍ତ୍ତା, ଉପଦେଷ୍ଟା ଓ ସ୍ଥାନୀୟ ଅ ଳର ବାସିନ୍ଦା ଉପସ୍ଥିତ ରହି ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅଭୁଲା ଓ ଅମର ଜୀବନ ସଂପର୍କରେ ଆଲୋକପାତ କରିବା ସହ ତାଙ୍କର ଆମାୟିକ ବ୍ୟବହାର ତଥା ସମାଜର ବିଭିନ୍ନ ଉଲ୍ଲେଖନୀୟ ଦିଗ ପ୍ରତି ତାଙ୍କ ସମର୍ପିତ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ । ପ୍ରକାଶ ଥାଉକି, ସ୍ୱର୍ଗତ ପଟ୍ଟନାୟକ ୨୦୦୧ ମସିହାରେ ସଂଘର ଅଷ୍ଟମ ବାର୍ଷିକ ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଂଘର ସାଂସ୍କୃତିକ ଧାରାକୁ ବଜାୟ ରଖିବାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଯୁବକମାନଙ୍କର କଳା ଓ ସଂସ୍କୃତି ପ୍ରତିଥିବା ଆଗ୍ରହକୁ ଆଗେଇ ନେବାରେ ତାଙ୍କର ସବୁପ୍ରକାର ସାହାଯ୍ୟ ସହଯୋଗ ଓ ସହାନୁଭୂତି ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ଆସାମର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବାପରେ ସଂଘ ତାଙ୍କୁ ତାଙ୍କ ବାସ ଭବନରେ ସମ୍ବର୍ଦ୍ଧନା ଦେବା ଅବସରରେ ସେ ତାଙ୍କର ପୁରୁଣା ଦିନର ସ୍ମୃତିକୁ ମନେପକାଇବା ସହ ତାଙ୍କର ମେଳାପୀ, ବନ୍ଧୁ ବତ୍ସଳ, ଉତ୍ସାହ ଓ ଆତ୍ମୀୟତାବୋଧ ସଂଘ ପାଖରେ ଆଜି ବି ଜୀବନ୍ତ ଓ ଏକ ଅମୂଲ୍ୟ ସମ୍ପଦ ହୋଇ ରହିଛି । ଏହି ସମୟରେ ସ୍ଥାନୀୟ ଅ ଳର ଇଷ୍ଟ ଦେବତା ଇଶାଣେଶ୍ୱର ମହାଦେବଙ୍କ ମନ୍ଦିର ସଂପର୍କରେ ସେ ପଚାରି ବୁଝିଥିଲେ ଓ ମନ୍ଦିରର ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ମଧ୍ୟ ତାଙ୍କୁ ଉପସ୍ଥାପନ କରାଯାଇଥିଲା । ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ସଂଘ ସହିତ ବିତାଇ ଥିବା ମୁହୂର୍ତ୍ତ ଚିରସ୍ମରଣୀୟ ହୋଇ ରହିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ, ଗଦାଧର ପ୍ରସାଦ ରଥ, ନିରଞ୍ଜନ ସାହୁ, ନାରାୟଣ ପ୍ରତାପ ରାୟ, ମଦନ ମୋହନ ପୃଷ୍ଟି, ଶିଶିର କୁମାର ମହାରଣା, ଗୋବିନ୍ଦ ଚନ୍ଦ୍ର ଦାସ, ଅର୍ଜୁନ ଦେହୁରୀ ଓ ନାଟ୍ୟ ନିର୍ଦ୍ଦେଶକ ଛବି ବାରିକ, ସ୍ଥାନୀୟ ବରଷ୍ଠ ନାଗରିକ ଓ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ରହି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରଯାଇଥିଲା । ପରେ ପରେ ଅନୁଷ୍ଠାନର ଶୋକ ପୁସ୍ତିକାରେ ସ୍ୱାକ୍ଷର କରିବା ସହିତ ସଂଘର ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା ଧନ୍ୟବାଦ ପ୍ରସ୍ତାବ ସହ ସଭା ସାଂଗ କରାଯାଇଥିଲା ।

## ବିଧାୟକ ସାଂସଦ ମୁହାମୁହିଁ ସ୍ଥିତିରେ : କର୍ମୀ ବିଭାଜିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ହେଉଛି ରାଜନୀତିର ପ୍ରଶିକ୍ଷଣ କ୍ଷେତ୍ର । ଏହି କ୍ଷେତ୍ରରେ ଯିଏ ନାମ ଲେଖାଇଛି ସେ କେବେ କେଉଁଠି ହାରିବାର ପ୍ରଶ୍ନ ଉଠୁନି । ଏହି କ୍ଷେତ୍ରରୁ ରାଜ୍ୟର ବହୁ ବିଶିଷ୍ଟ ନେତା ବିଜୟୀ ହୋଇ ରାଜ୍ୟ ତଥା କେନ୍ଦ୍ର ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରି ହଇଚଇ ସୃଷ୍ଟି କରିଛନ୍ତି । ଅତୀତର ରାଜନୀତି ସହିତ ବର୍ତ୍ତମାନ ରାଜନୀତିକୁ ତୁଳନା କଲେ ଏହା କଣ କେନ୍ଦ୍ରାପଡାର ରାଜନୀତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ପ୍ରଶ୍ନ କରନ୍ତି । ଆଜିକାଲି ଦଳୀୟ ଶୃଙ୍ଖଳାକୁ ପଛରେ ପକାଇ ନେତାମାନେ ମନମୁଖୀ ଭାବେ ରାଜନୀତି କରୁଛନ୍ତି ଫଳରେ ସଚା କର୍ମୀଟିଏ ବଳି ପଡୁଥିବା ଦେଖାଯାଉଛି । ଏପରି ରାଜନୈତିକ ସ୍ଥିତି କେନ୍ଦ୍ରାପଡାରେ ଦେଖିବାକୁ ମିଳୁଛି । ଏବେ ବିଧାୟକ ଓ ସାଂସଦଙ୍କ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । କର୍ମୀମାନେ ଏହାର ଫାଇଦା ନେବାକୁ ଉଦ୍ୟମ କରୁଛନ୍ତି । ଗତ କିଛିଦିନ ପୂର୍ବେ କେନ୍ଦ୍ରାପଡା ବିଧାୟକଙ୍କ ପରିବାର ସଦସ୍ୟ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଦର୍ଶନ କରିଥିଲେ ଓ ଏଥିରେ କେତେକ ଆଗଧାଡିର ଦଳୀୟ କର୍ମୀ ସାମିଲ ହୋଇଥିଲେ । ତାହାର ଠିକ ଗୋଟିଏ ଦିନ ପରେ ହଠାତ୍ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ଆସି ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସହରର ଛାମୁଆ ନେତାମାନେ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ । ଗତ ବିଶ୍ୱ ମହିଳା ଦିବସରେ କେନ୍ଦ୍ରାପଡା ସହରରେ ହୋଇଥିବା ବୈଠକରେ କେନ୍ଦ୍ରାପଡା ସାଂସଦକୁ ବାଛନ୍ଦ କରାଯାଇଥିଲା । ଯଦ୍ୱାରାକି କିଛି ଦିନ ଧରି ସାଂସଦ ଶ୍ରୀ ମହାନ୍ତି କେନ୍ଦ୍ରାପଡା ଆସୁ ନ ଥିଲେ । ତେବେ କେଉଁ ପରିସ୍ଥିତିରେ ସେ କେନ୍ଦ୍ରାପଡା ଗସ୍ତରେ ଆସି କେନ୍ଦ୍ରାପଡା ସହରର ବିକାଶ ପାଇଁ ସାଂସଦ ପାଣ୍ଠିକୁ ବିନିଯୋଗ କରିବେ ବୋଲି ଛାମୁଆ କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ତାହା ବୁଝାପଡୁନି । ସାଂସଦ ପାଣ୍ଠି ମାଧ୍ୟମରେ ସେ ସଂଗଠନ କରିବେ ବୋଲି ଆଲୋଚନା ହେଉଛି । ଏହି ଲକ୍ଷ୍ୟରେ ସହରର ନସଡିପୁରସ୍ଥିତ ମଦ୍ରାସା ବୁଲି ଦେଖିବା ସହିତ ବଳଦେବ ହାଇସ୍କୁଲକୁ ଯାଇ ସ୍କୁଲର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନଗର ବିଜେଡିର ନେତାମାନେ ସାମିଲ ହୋଇଥିଲେ । ବିଧାୟକ ଶଶୀଭୂଷଣ ବେହେରାଙ୍କଠାରୁ ଦୂରେଇ ଯାଉଥିବା ବିଜେଡିର କିଛି ନେତା ସାଂସଦଙ୍କ ସହିତ ସାମିଲ ହୋଇ ଶ୍ରୀ ବେହେରାଙ୍କୁ ଝଟକା ଦେବାକୁ ଉଦ୍ୟମ କରୁଥିବା ଆଲୋଚନା ହେଉଛି । ଫଳରେ କେନ୍ଦ୍ରାପଡାରେ ବିଧାୟକ ସାଂସଦ ମୁହାଁମୁହିଁ ହେବାର ପରିସ୍ଥିତି ସୃଷ୍ଟି ହୋଇଛି । ଏହି ପରିସ୍ଥିତିରେ କେତେକ ଖ ବର୍ଗର ବିଜେଡି ନେତା ଫାଇଦା ନେବାକୁ ଉଦ୍ୟମ କରୁଥିବା ବେଳେ ସଚ୍ଚା ବିଜେଡି ନେତାମାନେ କ'ଣ କରିବେ ବୋଲି ଭାବି ବଳି ପଡୁଛନ୍ତି । ଏହି ଘଟଣା କେନ୍ଦ୍ରାପଡାରେ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି ।

## ଲୁଥେରାନ ଯୌନ ଶୋଷଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ପୋଲିସ ପ୍ରଶାସନ ବିଫଳ

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ଯୌନ ଶୋଷଣ ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଓ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ପଟରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଲୁଥେରାନ ଯୌନ ଶୋଷଣ ମାମଲାରେ ସଂପୃକ୍ତ ଥିବା ଲୁଥେରାନର ସଭାପତି, ଶିଶୁ ଯତ୍ନ ଅନୁଷ୍ଠାନର ସୁପରିନଟେଣ୍ଡେଣ୍ଟ, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ପି.ଓ. ଆଇ.ସି.ଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କେନ୍ଦ୍ରାପଡାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ନିର୍ଦ୍ଦେଶର ୯ ଦିନ ପରେବି ପ୍ରଶାସନ ଓ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସଫଳ ହୋଇନଥିବା ଦେଖାଯାଇଛି । ଏଭଳି ପରିସ୍ଥିତିରେ ଉଭୟ ପୋଲିସ ଓ ପ୍ରଶାସନର ନୀରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଲୁଥେରାନର ଜନୈକ ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ ଭଳି ଏକ ସଂଗୀନ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଓ ପ୍ରଶାସନ କାହିଁକି ପଛଘୁଂଚା ଦେଉଛି ତାହା ବୁଝାପଡୁନି । ଯଦି ଜିଲ୍ଲାର ଏଭଳି ଏକ ସଂଗୀନ ମାମଲାରେ ଅଭିଯୁକ୍ତଙ୍କ ପ୍ରତି ପ୍ରଶାସନ ଓ ପୋଲିସର କୋହଳ ମନୋଭାବ ଦେଖାଯାଏ ତେବେ ସାଧାରଣ କ୍ଷେତ୍ରରେ କିଭଳି ଲୋକମାନେ ନ୍ୟାୟ ପାଇପାରିବେ ତାହା ସହଜରେ ଅନୁମେୟ । ତେଣୁ ଜିଲ୍ଲା ପ୍ରଶାସନ ଓ ପୋଲିସ ଏହି ଘଟଣାରେ ଆଉ କାଳବିଳମ୍ବ ନକରି ଯଥାଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିରପେକ୍ଷତାର ପ୍ରମାଣ ଦେଉ ବୋଲି ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି ।

## କୋଭିଡ ସଚେତନତା ଓ ଅମାନିଆଙ୍କଠାରୁ ଜୋରିମାନା ଆଦାୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଗତ ଗୁରୁବାର କେନ୍ଦ୍ରାପଡା ସହରରେ ବୁଲି ବୁଲି ଜନସାଧାରଣଙ୍କ ସମେତ ଦୋକାନୀମାନଙ୍କୁ କୋଭିଡ ନିୟମ ଅନୁପାଳନ ସମ୍ପର୍କରେ ସଚେତନ କରିଥିବା ଦେଖିବାକୁ ମିଳିଛି । ଏଥିସହିତ ଅମାନିଆଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ପ୍ରତ୍ୟେକ ଦୋକାନ ସମ୍ମୁଖରେ ଧଳା ରଙ୍ଗରେ ଗୋଲେଇ କାଟି ସାମାଜିକ ଦୂରତା ରକ୍ଷା ପୂର୍ବକ ଗ୍ରାହକମାନେ ନିର୍ଦ୍ଦିଷ୍ଟ ଦୂରତାରେ ଛିଡା ହୋଇ ମୁହଁରେ ମାସ୍କ ପିନ୍ଧି ଦୋକାନରୁ ସଉଦା କିଣିବାର ବ୍ୟବସ୍ଥା କରିବାକୁ ଦୋକାନୀମାନଙ୍କୁ ପରାମର୍ଶ ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକର । କୋଭିଡ ନିୟମ ଉଲ୍ଲଙ୍ଘନ କଲେ ଆଇନ ଅନୁଯାଇ ଜୋରିମାନା ସହ ଦଣ୍ଡ ବ୍ୟବସ୍ଥା କରାଯିବ ବୋଲି ଆରକ୍ଷୀ ଅଧିକ୍ଷକ ଦୋକାନୀମାନଙ୍କୁ କହିଛନ୍ତି । ସହରର ଦୋକାନ ଗୁଡିକ ସମ୍ମୁଖରେ ବିନା ମାସ୍କରେ ଥିବା ୩ଜଣ ମହିଳା ଓ ୫ଜଣ ପୁରୁଷ ଅମାନିଆଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ପୋଲିସ ଆଦାୟ କରିଥିବା ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକରଙ୍କ ସହିତ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣ ଓ ଦୋକାନୀମାନଙ୍କୁ କୋଭିଡ ନିୟମ ଅନୁପାଳନ ସମ୍ପର୍କରେ ବୁଝାଇଥିଲେ ।

## ଦୁଇଟି ପୃଥକ ଦୁର୍ଘଟଣାରେ ୨ ମୃତ, ୬ ଆହତ

ଆନନ୍ଦପୁର (ପିଏନ୍): ଘଷିପୁରା ଓ ଆନନ୍ଦପୁର ଥାନା ଅଂଚଳରେ ଦୁଇଟି ପୃଥକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ଆନନ୍ଦପୁର ଥାନା ଗୟଳମୁଣ୍ଡା ପଂଚାୟତ ଜାଳି ଗ୍ରାମ ନିକଟରେ ଏକ ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଭିକାରିମନ୍ଦା ଗ୍ରାମର କାପୁରା ସୋରେନ(୬୫) । ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହେବାରୁ ଅଟୋଟି ରାସ୍ତାକଡକୁ ଓଲଟି ପଡିଥିଲା । ଘଟଣାସ୍ଥଳରେ କାପୁରାଙ୍କର ମୃତ୍ୟୁ ଘଟିଥିଲା । ମାଇଲୋ ସୋରେନ୍(୩୨), ପୁରମାଲ ହାଁସଦା (୩୬), କାଳା ମୁର୍ମୁ(୪୨)ଙ୍କ ସମେତ ଆଉ ୩ଜଣ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାକୁ ପଠାଇଥିଲେ । ଆନନ୍ଦପୁର ପୋଲିସ୍ ମୃତଦେହକୁ ଜବତ କରି ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ଦୁର୍ଘଟଣା ଘଟାଇବା ପରେ ପିକଅପ ଭ୍ୟାନ୍ ଫେରାର ହୋଇଯାଇଛି । ସେହିପରି ୨୦ନଂ ଜାତୀୟ ରାଜପଥ ଘଷିପୁରା ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ନିକଟରେ ଟ୍ରକ୍ ଧକ୍କାରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ବୟସ ପାଖାପାଖି ୬୫ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ବୀରଗୋବିନ୍ଦପୁର ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ଆଣିଥିଲା । ମୃତକଙ୍କ ପରିଚୟ ମିଳିନଥିବାରୁ ଶବକୁ ଅପରାହ୍ନରେ ଜିଲ୍ଲା ଶବାଗାରକୁ ପଠାଇ ଦିଆଯାଇଛି ।

## ଗ୍ରାମ୍ୟଉନ୍ନୟନ ଡିଭିଜନ କାର୍ଯ୍ୟାଳୟ ସାନିଟାଇଜ ହେଲା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଛାପୁର ଠାରେ ଥିବା ଗ୍ରାମ୍ୟ ଉନ୍ନୟନ ଡିଭିଜନର ଜନୈକ ଯନ୍ତ୍ରୀ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରେ କରୋନା ପଜିଟିଭ ବାହାରିବା ପରେ ସଂପୂର୍ଣ୍ଣ କାର୍ଯ୍ୟାଳୟକୁ ସାନିଟାଇଜ କରାଯାଇଛି । ସଂପୃକ୍ତ ଯନ୍ତ୍ରୀ ଜଣଙ୍କ ଉଭୟ ଡିଭିଜନର ଦାୟିତ୍ୱରେ ଥିବାରୁ ଉଭୟ ଡିଭିଜନର ସଂପୂର୍ଣ୍ଣ କାର୍ଯ୍ୟାଳୟ ପରିସରକୁ ସାନିଟାଇଜ କରାଯାଇଥିବା ସୂଚନା ମିଳିଛି ।

## ବଳଦେବ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବିୟୋଗରେ ଶୋକସଭା



କେନ୍ଦ୍ରାପଡ଼ା (ପିଏନ୍): ବଳଦେବ ହାଇସ୍କୁଲର ୧୯୯୩ମସିହା ମାଟ୍ରିକ ବ୍ୟାଚର ପୁରାତନ ମେଧାବୀ ଛାତ୍ର ଇଂ ପ୍ରିୟଶ୍ଳୋକ ଆର୍ଯ୍ୟଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ ପାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ନାୟକଙ୍କ ଅଧକ୍ଷତାରେ ବିଦ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ ପରିଚାଳନା ସମିତି ସଭାପତି ଗୁରୁ ଚରଣ ପ୍ରଧାନ, ବରିଷ୍ଠ ଶିକ୍ଷକ ନିର୍ମଳ କୁମାର ପ୍ରଧାନ, ପଣ୍ଡିତ ହରେକୃଷ୍ଣ ପତି, ରାଷ୍ଟ୍ରଭାଷା ଶିକ୍ଷକ ତପନ କୁମାର ଦାଶ, ହୃଷିକେଶ ସ୍ୱାଇଁ, କ୍ଷୀରୋଦ କୁମାର ପରିଡା, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ର ସ୍ୱର୍ଗତ ଆର୍ଯ୍ୟଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ସେ ଜଣେ ମେଧାବୀ, ମେଳାପି, ବନ୍ଧୁବତ୍ସଳ ଓ ପରୋପକାରୀ ଛାତ୍ର ଥିଲେ । ତାଙ୍କର ଅକାଳ ବିୟୋଗରେ ସମସ୍ତ ଶିକ୍ଷକ, ଶିକ୍ଷିକା, ପୁରାତନ ତଥା ନୂତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ନୂତନ ମେଗା ଲିଫ୍ଟ ଜଳ ସେଚନ ପ୍ରକଳ୍ପ ସ୍ଥାପନ ପରିପ୍ରେକ୍ଷୀରେ ରାଜୀବ ଭବନ ସମ୍ମିଳନୀ କକ୍ଷରେ ବୈଠକ

ଭୁବନେଶ୍ୱର: ବୀର ମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୪ ଗୋଟି ନୂତନ ମେଗା ଲିଫ୍ଟ ଜଳ ସେଚନ ପ୍ରକଳ୍ପ ସ୍ଥାପନ ପରିପ୍ରେକ୍ଷୀରେ ଆସିଥିବା ପ୍ରସ୍ତାବର ଅନୁଧ୍ୟାନ ଓ ସ୍ଥିତି ଯାଂଚ ସଂପର୍କରେ ଏକ ବୈଠକ ଆଜି ପୂର୍ବାହ୍ଣରେ ସ୍ଥାନୀୟ ରାଜୀବ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଯୋଜନା, ସଂଯୋଜନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ଏବଂ ରାଜ୍ୟ ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ବୀର ମହାରାଜପୁର ନିର୍ବାଚନ ମଣ୍ଡଳୀର ମହାନଦୀ ଉତ୍ସରୁ ୨ଟି , ହରିହରଯୋର ଉତ୍ସ ଏବଂ ସରୁବାଲିଯୋର ଉତ୍ସରୁ ୧ଟି ଲେଖାଏଁ ନୂତନ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯିବା ନେଇ ମନ୍ତ୍ରୀ ଶ୍ରୀ ବେହେରା ଦେଇଥିବା ପ୍ରସ୍ତାବ ଉପରେ ବିଶଦ୍ ଆଲୋଚନା କରାଯାଇଥିଲା । ବୈଠକରେ ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଇଂ ଧୀରେନ କୁମାର ସାମଲଙ୍କ ସମେତ ବିଭାଗୀୟ ଅନ୍ୟ ବରିଷ୍ଠ ପଦାଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ବୈଠକରେ ବୀରମହାରାଜପୁର ବ୍ଲକର ସଂଗ୍ରାମପୁର, କମିରା, ପିତାମହୁଲ ଗ୍ରାମ ପଂଚାୟତ ନିକଟସ୍ଥ ପିତାମହୁଲଠାରେ ମହାନଦୀ ଉତ୍ସରୁ ଏବଂ ଏହି ବ୍ଲକର କେନ୍ଝରିଆପାଲି, ମୁର୍ସୁଣ୍ଡି, ଲୁଟୁରପଙ୍କ ଆଦି ଗ୍ରାମ ପଂଚାୟତ ଅନ୍ତର୍ଗତ ହରିହରଯୋର ଉତ୍ସରୁ ୨-୩ଟି ମେଗାଲିଫ୍ଟ ପ୍ରକଳ୍ପ କରାଯିବା ପାଇଁ ରହିଥିବା ପ୍ରସ୍ତାବ ଉପରେ ସ୍ଥିତି ଅନୁଧ୍ୟାନ ପାଇଁ ନିଷ୍ପତି ନିଆଯାଇଛି । ଏହି ସବୁ ପଂଚାୟତ ଅନ୍ତର୍ଗତ ଗ୍ରାମ ପ୍ରସ୍ତାବିତ ସରୁବାଲିଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ ଅଧିନରେ ଆସୁଥିଲେ ମଧ୍ୟ କୃଷକମାନଙ୍କ ପାଇଁ ଜଳସେଚନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ ମହାନଦୀ ବା ହରିହରଯୋର ନଦୀ ଉତ୍ସରୁ ୨-୩ଟି ଗୋଟି ମେଗାଲିଫ୍ଟ ପ୍ରକଳ୍ପ କରାଯିବାର ସମ୍ଭାବ୍ୟତାକୁ ଅନୁଧ୍ୟାନ କରାଯିବା ସଂପର୍କରେ ପର୍ଯ୍ୟବେକ୍ଷଣ କରାଯାଇଥିଲା । କିନ୍ତୁ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଜଉଁରାଭଉଁରା ପଂଚାୟତ ଠାରେ ପ୍ରସ୍ତାବରେ ରହିଥିବା ମେଗା ଲିଫ୍ଟ ପ୍ରକଳ୍ପ ଅଂଚଳ, ଘଂଚ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ ହୋଇଥିବା ଯୋଗୁଁ ଏଠାରେ ପ୍ରକଳ୍ପ କରାଯିବା ସମ୍ଭବପର ହେବ ନାହିଁ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ମନ୍ତ୍ରୀ ଶ୍ରୀ ଦାସ ଆଗତ ପ୍ରସ୍ତାବ ଉପରେ ମତବ୍ୟକ୍ତ କରି ଜଳ ସଂପଦ ବିଭାଗ ତରଫରୁ ବୈଷୟିକ ଟିମ୍ ଦ୍ୱାରା ଆବଶ୍ୟକ ଅନୁଧ୍ୟାନ କରାଯାଇ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନିଆଯିବା ପାଇଁ ପରାମର୍ଶ ଦେଇଥିଲେ । କୃଷିର ବିକାଶ ଓ କୃଷକଙ୍କ କଲ୍ୟାଣ ପାଇଁ ଜଳସେଚନର କିପରି ସର୍ବୋତମ ଉପଯୋଗ ହୋଇପାରିବ, ସେଥିପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀ ସର୍ବଦା ଗୁରୁତ୍ୱ ଦେଉଛନ୍ତି ଓ ତାଙ୍କ ଦିଗ୍‌ଦର୍ଶନରେ ରାଜ୍ୟରେ ଜଳସଂପଦ ବିଭାଗର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ।ସୂଚନା ଯୋଗ୍ୟ ଯେ, ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ଉଲୁଣ୍ଡା ଓ ବୀର ମହାରାଜପୁର ବ୍ଲକରେ ସଂପ୍ରତି ୭ଗୋଟି ମେଗା ଲିଫ୍ଟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏହିସବୁ ପ୍ରକଳ୍ପ ଦ୍ୱାରା ୧୦,୪୨୦ ହେକ୍ଟର ପରିମିତ ଅଂଚଳକୁ ଜଳସେଚନ ଯୋଗାଇ ଦିଆଯାଇପାରିବ ଏବଂ ୯୪ ଗୋଟି ଗ୍ରାମର ବାସିନ୍ଦା ଉପକୃତ ହେବେ । ବୈଠକ ପରେ ମନ୍ତ୍ରୀ ଶ୍ରୀ ଦାସ ରାଜୀବ ଭବନ ସ୍ଥିତ ଜଳସଂପଦ ବିଭାଗର ସମସ୍ତ ଉପ ବିଭାଗ ପରିଦର୍ଶନ କରିବା ସହିତ ବରିଷ୍ଠ ଅଧିକାରୀମାନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସେମାନଙ୍କର ବିଭାଗୀୟ କାର୍ଯ୍ୟସଂପାଦନ ସଂପର୍କରେ ଆଲୋଚନା କରି ଆବଶ୍ୟକ ପରାମର୍ଶ ଦେଇଥିଲେ ।

## ବାଗଚୀ କ୍ୟାନ୍ସର ହସ୍ପିଟାଲ ଜମି ପାଇଁ ୨.୯୧ କୋଟି ଟଙ୍କାର ଷ୍ଟାମ୍ପ ଡ୍ୟୁଟି ଛାଡ୍

ଭୁବନେଶ୍ୱର ; ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ ଅନ୍ତର୍ଗତ ଚଣ୍ଡୀହତା (ଇନଫୋସିଟି -୨) ଠାରେ ବାଗଚି ଶ୍ରୀ ଶଙ୍କର କର୍କଟ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ଓ ବାଗଚି କରୁଣାଶ୍ରୟ ପାଲିଆଟିଭ୍ କେୟାର ସେଂଟର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବାର୍ଷିକ ଗ୍ରାଉଣ୍ଡ ରେଂଟ ଓ ସେସ୍ ବାବଦକୁ ୧ ଟଙ୍କା ହିସାବରେ ୪୦ ଏକର ସରକାରୀ ଜମି ଯୋଗାଇବାକୁ ନିଷ୍ପତି ନେଇଛନ୍ତି । ଏଥିସହ ଉଭୟ ପ୍ରତିଷ୍ଠାନ ନାମରେ ଲିଜ୍ ଦଲିଲ ସମ୍ପାଦନ ପାଇଁ ଆବଶ୍ୟକୀୟ ଷ୍ଟାମ୍ପ ଦେୟ ଓ ନିବନ୍ଧନ ଫି ବାବଦକୁ ୨ କୋଟି ୯୧ ଲକ୍ଷ ୧୧ ହଜାର ଟଙ୍କା ଛାଡ୍ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୩୩୧ କୋଟି

ଭୁବନେଶ୍ୱର: ଅବଢ଼ା ଯୋଜନା ମାଧ୍ୟମରେ ଐତିହ୍ୟ ସହର ପୁରୀ ଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ଲାଗି ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ କ୍ୟାବିନେଟ୍ ଟାଟା ପ୍ରୋଜେକ୍ଟ ଲିମିଟେଡ୍ ର ୩୩୧ କୋଟି ୨୮ ଲକ୍ଷ ୧୮ ହଜାର ୮୬୫ କୋଟି ଟଙ୍କାର ଟେଣ୍ଡରକୁ ଅନୁମୋଦନ କରିଛନ୍ତି ।

# ସର୍ବଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ ଉତୀର୍ଣ୍ଣ ଓଡ଼ିଶା ପ୍ରାର୍ଥୀଙ୍କ ପିତାମାତାଙ୍କୁ ରାଜଭବନରେ ସମ୍ବର୍ଦ୍ଧନା

ଭୁବନେଶ୍ୱର: ମାତା ପିତାଙ୍କୁ ଈଶ୍ୱର ଏକ ମହତ୍ ଉଦ୍ଦେଶ୍ୟ ଓ କାର୍ଯ୍ୟ ସମର୍ପିଛନ୍ତି । ଏବଂ ସ୍ୱର୍ଗୀୟ ଭାବନାରେ ସିକ୍ତ ହୋଇ ଦିବ୍ୟ ଅନୁଭୂତିର ସେବାରେ ସେମାନଙ୍କୁ ନିୟୋଜିତ କରିଛନ୍ତି । ନିଜର ସନ୍ତାନମାନଙ୍କ ମଧ୍ୟରେ ଦିବ୍ୟ ଅନୁଭୂତି ଓ ଭାବନା ସୃଷ୍ଟି ସହ ସଠିକ୍ ଲାଳନପାଳନ ଦ୍ୱାରା ଜଗତକୁ ଏକ ଦିବ୍ୟ ଭୂମିରେ ପରିଣତ କରିବାକୁ ମାତାପିତା ସର୍ବଦା ଚେଷ୍ଟିତ ଥାଆନ୍ତି ଓ ଏହି କାର୍ଯ୍ୟ ଓ ତ୍ୟାଗର ତୁଳନା ନାହିଁ କିମ୍ବା ସେମାଙ୍କର କେହି ବିକଳ୍ପ ହୋଇ ପାରିବେ ନାହିଁ । ତେଣୁ ପ୍ରତ୍ୟେକ ମାତାପିତା ଏପରି ଗୁରୁ ଦାୟିତ୍ୱ ନିର୍ବାହ କରୁଥିବାରୁ ସେମାନଙ୍କ ସ୍ଥାନ ସର୍ବଦା ଶୀର୍ଷରେ ଓ ସେମାନେ ସର୍ବଦା ବନ୍ଦନୀୟ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି ।ରାଜଭବନର ଅଭିଷେକ ହଲଠାରେ ଆଜି ରାଜ୍ୟପାଳଙ୍କ ପରିକଳ୍ପନାକୁ ନେଇ ସର୍ବସାଧାରଣଙ୍କ ସହିତ ଆତ୍ମିକ ସଂଯୋଗ ଲକ୍ଷ୍ୟରେ ସର୍ବଭାରତୀୟ ସିଭିଲ ସର୍ଭିସ ଏବଂ ସର୍ବଭାରତୀୟ ବନ ସେବାରେ ସଫଳ ହୋଇଥିବା ଓଡ଼ିଶାର ପ୍ରାର୍ଥୀମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଉଦ୍ଦେଶ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଏହା କହିଛନ୍ତି । ମାତାପିତାଙ୍କର ଆଶୀର୍ବାଦ ସନ୍ତାନକୁ ଜୀବନରେ ସଫଳ କରାଇଥାଏ ଏବଂ ସନ୍ତାନର ସଫଳତା ଓ ଖୁସି ସେମାନଙ୍କ ପାଇଁ ସର୍ବସ୍ୱ ବୋଲି ସେ କହିଛନ୍ତି । ସଫଳ ପ୍ରାର୍ଥୀମାନଙ୍କୁ ସେମାନଙ୍କର ସଫଳତା ପାଇଁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସେମାନେ ସର୍ବଦା ଭାରତର ସମ୍ବିଧାନର ରକ୍ଷକ ବୋଲି ସ୍ମରଣ ରଖି କାର୍ଯ୍ୟ କରିବେ ଓ କେହି ଯେପରି ନିଜର ଅଧିକାରରୁ କିମ୍ବା ନ୍ୟାୟରୁ ବଂଚିତ ନ ହୁଏ ତାହା ସୁନିଶ୍ଚିତ କରିବାକୁ କହିଥିଲେ । ଦେଶରେ ସୁଶାସନର ଦାୟିତ୍ୱ ସେମାନଙ୍କ ଉପରେ । ସେଥିପାଇଁ ନିଜର ଆଚରଣ ଓ କାର୍ଯ୍ୟକୁ ଅନୁରୂପ କରି ଜନସାଧାରଣ ଯେପରି ସୁଶାସନର ସୁଫଳ ପାଇପାରିବେ ସେଥିପ୍ରତି ପ୍ରାଥମିକତା ଦେବାକୁ ସେମାନଙ୍କୁ ରାଜ୍ୟପାଳ କହିଥିଲେ ।ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳଙ୍କ ସଚିବ ଡ଼ାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା ସଫଳ ପ୍ରାର୍ଥୀମାନଙ୍କୁ ସର୍ବଦା ସତ୍ୟର ପଥକୁ ଆପଣାଇ ଜନସାଧାରଣଙ୍କ ସ୍ୱାର୍ଥରେ କାର୍ଯ୍ୟ କରିବାକୁ କହିଥିଲେ ଓ ଭବିଷ୍ୟତ ପାଇଁ ସଫଳତା କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତୀୟ ପ୍ରଶାସନିକ ସେବାରେ ଉର୍ତୀର୍ଣ୍ଣ ପା ଜଣ ସଫଳ ପ୍ରାର୍ଥୀଙ୍କ ମାତାପିତାଙ୍କ ସହିତ ପରିବାରର ଅନ୍ୟ ସଦସ୍ୟ ଓ ସେହିପରି ଭାରତୀୟ ପୁଲିସ ସେବାର ଦୁଇଜଣ ଓ ଭାରତୀୟ ବନ ସେବାରେ ଦୁଇଜଣ ସଫଳ ପ୍ରାର୍ଥୀଙ୍କ ମାତା ପିତା ଓ ପରିବାର ସଦସ୍ୟ ଯୋଗ ଦେଇଥିଲେ । ରାଜ୍ୟପାଳ ସେମାନଙ୍କୁ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କ ସଙ୍ଗେ ଭାବର ଆଦାନ ପ୍ରଦାନ କରିଥିଲେ । ଏପରି ଏକ ଉପଯୋଗୀ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେମାନେ ରାଜ୍ୟପାଳଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ । ଭାରତୀୟ ପ୍ରଶାସନିକ ସେବାର ସିମି କରଣ ଓ ବିଭୂତି ଭୂଷଣ ନାୟକ ଉତ୍ସବରେ ପିତାମାତାଙ୍କ ସହ ଯୋଗ ଦେଇଥିବା ବେଳେ ଭାରତୀୟ ପ୍ରଶାସନିକ ସେବାର ସଂଜିତା ମହାପାତ୍ର, କୁମାର ବିଶ୍ୱରଂଜନ, ବେଦଭୂଷଣ, ଭାରତୀୟ ପୋଲିସ୍ ସେବାର ସମୀର କୁମାର ଜେନା ଓ ରାହୁଲ ଗୋଏଲ ଏବଂ ଭାରତୀୟ ବନ ସେବାର ସୁମିତ କୁମାର କର ଓ ଅନୁରାଗ ମିଶ୍ରଙ୍କ ପିତାମାତା ଓ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ ।

# ନବ ନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତିମାନଙ୍କୁ ଗୁରୁମନ୍ତ୍ର ଦେଲେ ଓଡିଶା ପ୍ରଭାରୀ ଡ. ଏ. ଚେଲାକୁମାର

ଭୁବନେଶ୍ୱର (ପିଏନ)-ଆଜି ନବନିଯୁକ୍ତ ଜିଲ୍ଲା କଂଗ୍ରେସ କମିଟି ସଭାପତିମାନଙ୍କର ଏକ ବୈଠକ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡ. ଏ. ଚେଲାକୁମାର ଓ ଶ୍ରୀଯୁକ୍ତ ପଟ୍ଟନାୟକ ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତିମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ । କଂଗ୍ରେସ ପ୍ରଭାରୀ ଡ. ଏ.ଚେଲାକୁମାର ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତିମାନଙ୍କୁ ପରାମର୍ଶ ଦେଇ କହିଲେ ଯେ ଆପଣମାନେ ଜିଲ୍ଲାର ଜଣେ ଜଣେ ଟାଣୁଆ ସଂଗଠକ । ଆପଣମାନେ ଦଳକୁ ଆହୁରି ସକ୍ରୀୟ ଓ ସୁଦୃଢ଼ କରିପାରିଲେ କଂଗ୍ରେସ ଦଳ ଆଗାମୀ ଦିନରେ ଶାସନ କ୍ଷମତାକୁ ଆସି ପାରିବ । ସେହିପରି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଜିଲ୍ଲା ସଭାପତିମାନଙ୍କୁ କଂଗ୍ରେସର ସମସ୍ତ କାର୍ଯ୍ୟକ୍ରମକୁ ଲୋକମାନଙ୍କ ପାଖରେ ପହଂଚାଇ ବିଶ୍ୱାସଭାଜନ ହେବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ



ବିଧାୟକ ତଥା ଜିଲ୍ଲା ସଭାପତି ସୁରେଶ କୁମାର ରାଉତରାୟ, ରମେଶ ଜେନା, ଦାଶରଥି ଗମାଙ୍ଗ, ଜର୍ଜ ତିର୍କୀ, ମାନସ ଚୌଧୁରୀ, ଅଂଶୁମାନ ମହାନ୍ତି, ମୀନାକ୍ଷୀ ବାହିନୀପତି, ଗିରିବାଳା ବେହେରା, ବିଶ୍ୱଜିତ୍ ଦାସ, ଅଜିତ ମଙ୍ଗରାଜ, ମନୋରଞ୍ଜନ ତ୍ରିପାଠୀ, ହେମନ୍ତ ଦାସ, ନିହାର ମହାନନ୍ଦ, ସୁବ୍ରତ ଦାସ, ଦିଲ୍ଲୀପ କୁମାର ବେହେରା, ନବକୁମାର ମିଶ୍ର, ସରୋଜ ପଟ୍ଟନାୟକ, ଭରତ ଅଓ୍ୱସ୍ତି, ଭାରତଭୂଷଣ ବେମାଲ, ଗୋବିନ୍ଦ ପାତ୍ର, ଘାସିରାମ ମାଝୀ, ରଂଜିତ ଦାସ, ଦୁର୍ଗାପ୍ରସାଦ ପଣ୍ଡା, ଗୌରିଶଙ୍କର ପଣ୍ଡା, ବେଣୁମାଧବ ତ୍ରିପାଠୀ ପ୍ରମୁଖ ଜିଲ୍ଲା କଂଗ୍ରେସ ସଭାପତିମାନେ ଯୋଗ ଦେଇଥିଲେ । ଆଗାମୀ ଦୁଇଟି ଉପନିର୍ବାଚନ ନିମନ୍ତେ ନିରବଚ୍ଛିନ୍ନ ପ୍ରତିବଦ୍ଧତାର ସହ କଂଗ୍ରେସ ପ୍ରାର୍ଥୀ ଦ୍ୱୟଙ୍କୁ ଜିତାଇବା ନିମନ୍ତେ ସାହଯ୍ୟ ସହଯୋଗ ଓ ପ୍ରଚାର ଉପଲକ୍ଷେ ସମୟ ବାହାର କରିବାକୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଓ ପ୍ରଭାରୀ ଡ. ଏ.ଚେଲାକୁମାର ପରାମର୍ଶ ଦେଇଛନ୍ତି । ଦୁଇମାସ ମଧ୍ୟରେ ଜିଲ୍ଲା ଓ ବ୍ଲକ ପୁର୍ନଗଠନ କରାଯାଇ ଲୋକମାନଙ୍କ ପାଖରେ ଲୋକମାନଙ୍କର ବହୁବିଧ ସମସ୍ୟାକୁ ନେଇ କଂଗ୍ରେସ ଦୃଢ଼ତାର ସହ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ଦୃଢ଼ ସଂକଳ୍ପବଦ୍ଧ । ୨୦୨୪ ରେ କଂଗ୍ରେସ ସରକାରକୁ ଫେରାଇ ଆଣିବା ଲକ୍ଷ୍ୟରେ ବ୍ୟକ୍ତିଗତ ସ୍ୱାର୍ଥକୁ ତ୍ୟାଗ କରି ଓଡିଶାର ଜନସାଧାରଣଙ୍କ ସ୍ୱାର୍ଥ ଲାଗି ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଡ. ଚେଲାକୁମାର ମତବ୍ୟକ୍ତ କରିଥିଲେ । ସଭା ପ୍ରାରମ୍ଭରେ ବିଶିଷ୍ଟ କଂଗ୍ରେସ ନେତା ସ୍ୱର୍ଗତ ଗୁରୁପଦ ନନ୍ଦ ଓ ସ୍ୱର୍ଗତ ହରମୋହନ ଦାସଙ୍କ ବିୟୋଗରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଦିବଂଗତ ନେତାଦ୍ୱୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରିଶେଷରେ ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂରଣ ହେବ ଖାଲିଥିବା ଜିଲ୍ଲା ଶ୍ରମ ଅଧିକାରୀ ପଦବୀ

ଭୁବନେଶ୍ୱର: ଖାଲି ପଡିଥିବା ଜିଲ୍ଲା ଶ୍ରମ ଅଧିକାରୀ (ଡିଏଲଓ) ପଦବୀ ଗୁଡିକ ପଦୋନ୍ନତି ଦ୍ୱାରା ପୂରଣ କରାଯାଇଯାଇପାରିବ । ଓଡିଶା ଶ୍ରମ ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତାବଳୀ) ନିୟମାବଳୀ ୨୦୧୯ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି । ଏହି ନିୟମାବଳୀ ଲାଗୁ ହେବା ପୂର୍ବରୁ ନିୟମିତ ଭାବେ ଯୋଗ ଦେଇଥିବା ସହକାରୀ ଶ୍ରମ ଅଧିକାରୀ ମାନେ ଏହା ଦ୍ୱାରା ଉପକୃତ ହେବ ।

# ବିଜେଡି କାର୍ଯ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ଭୁବନେଶ୍ୱର: ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ୨୭ତମ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । କୋଭିଡ୍ କଟକଣାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶିଷ୍ଟ ଆଦିବାସୀ ନେତା ତଥା ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ ପଦ୍ମିନୀ ଦିଆନ୍, ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ଜନତା ଦଳ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ତଥା ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ମହାନ୍ ସଂଗ୍ରାମୀ ନେତା ଶହୀଦ ଲକ୍ଷ୍ମଣ ନାଏକ, ବିର୍ସା ମୁଣ୍ଡା, ଧରଣୀଧର ଭୂୟାଁ, ରେଣ୍ଡୋ ମାଝୀ, ତିଲ୍‌କା ମାଝୀ ପ୍ରମୁଖଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାସହ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀ ନେତାମାନଙ୍କ ସଂଗ୍ରାମ ଓ ବଳିଦାନକୁ ସ୍ମରଣ କରିଥିଲେ ।ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଏହି ଅବସରରେ କହିଥିଲେ, ଆଦିବାସୀମାନଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ବଜାୟ ରହୁ, ସେମାନେ ଆଗକୁ ଯାଆନ୍ତୁ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୁଅନ୍ତୁ । ତିନିବର୍ଷ ତଳେ ଏହି ଆନ୍ତର୍ଜାତିକ ଆଦିବାସୀ ଦିବସ ପାଳନ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମମାନଙ୍କୁ ପ୍ରେରଣା ଦେଇଥିଲେ । କୋଭିଡ୍ କଟକଣା ଯୋଗୁଁ ଆଡ଼ମ୍ବରରେ ନହେଲେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ପାରମ୍ପରିକ ଭାବେ ଏହି ଦିବସ ପାଳନ କରାଯାଉଛି ।ମନ୍ତ୍ରୀ ଶ୍ରୀ ସାରକା କହିଥିଲେ, ଆଦିବାସୀମାନଙ୍କର ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ଆମେ ବଂଚାଇ ରଖିବା ଦରକାର । ଏହି ଉଦ୍ଦେଶ୍ୟରେ ଆଦିବାସୀ ଦିବସ ପାଳନ କରାଯାଉଛି ।

# ଷ୍ଟାଫ ସିଲେକସନ କମିସନ ଦୁର୍ନୀତି ପ୍ରସଙ୍ଗରେ ଛାତ୍ର କଂଗ୍ରେସ ପକ୍ଷରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବକ୍ଷୋଭ

ଭୁବନେଶ୍ୱର:ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜଙ୍କ ଆହ୍ୱାନକ୍ରମେ କଟକ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଷ୍ଟାଫସିଲେକସନ ଦୁର୍ନୀତି ପ୍ରସଙ୍ଗରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କଟକ ଜିଲ୍ଲା ଛାତ୍ର କଂଗ୍ରେସର ପ୍ରଭାରୀ ଶ୍ରୀ ରଞ୍ଜିତ ସେନାପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଷ୍ଟାଫସିଲେକସନ କମିସନ ମହା ଦୁର୍ନୀତି ଓଡ଼ିଶାର ଛାତ୍ରସମାଜକୁ ହତାସ କରିଛି । ଦୀର୍ଘ ୨୧ ବର୍ଷର ଶାସନରେ ନବୀନ ସରକାର ୯୦ ପ୍ରତିଶତ ସରକାରୀ ଚାକିରୀକୁ ବିକ୍ରି କରିଦେଇଛନ୍ତି । ନବୀନ ଶାସନରେ ପାଠପଢ଼ି ଚାକିରୀ ପାଇବା ସମ୍ଭବପର ନୁହେଁ । ପରୀକ୍ଷା ଆଗରୁ ଚାକିରୀ ସବୁ ନିଲାମ ହୋଇଯାଏ । ଷ୍ଟାଫସିଲେକସନ କମିସନର କିରାଣୀ ବିଂରଚି ସାହୁ ସମଗ୍ର ବିଶାଳ ଦୁର୍ନୀତିର ବିନ୍ଦୁ ମାତ୍ର । ଚାକିରୀ ବିକ୍ରି ତୃତୀୟ ମହଲାରୁ ପରିଚାଳିତ ହୁଏ । ଭିଜିଲାନ୍ସ ତଦନ୍ତ ବିଂରଚି ସାହୁ ପାଖରେ ସୀମିତ ରହିଯିବ । ଏଣୁ ଛାତ୍ର କଂଗ୍ରେସ ହାଇକୋର୍ଟ ତତ୍ତ୍ୱାବଧାନରେ ତଦନ୍ତ ପାଇଁ ଦାବି କରୁଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଛାତ୍ର ସମାଜକୁ ୨୧ ବର୍ଷଧରି ପ୍ରତାରିତ କରିଛନ୍ତି । ଛାତ୍ରମାନଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ଆନ୍ଦୋଳନ ଜାରି ରଖିବ । ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଦୀପକ ମହାନ୍ତି କହିଥିଲେ ଯେ ଷ୍ଟାଫସିଲେକସନ ଦୁର୍ନୀତି ବହୁ ରାଜନେତା, ଆଇଏସ ଅଫିସର ସଂପୃକ୍ତ । ଷ୍ଟାଫସିଲେକସନ ଦୁର୍ନୀତିକୁ ସମ୍ପୂର୍ଣ୍ଣ ପର୍ଦାଫାସ କରିବା ପର୍ଯ୍ୟନ୍ତ ଏବଂ ଏଥିରେ ସଂପୃକ୍ତ ସମସ୍ତ ଦୋଷୀଙ୍କୁ ଦଣ୍ଡବିଧାନ ନହେବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ଆନ୍ଦୋଳନ ଜାରି ରଖିବ । ଏହି କାର୍ଯ୍ୟକ୍ରମରେ ଆରିଆନ ସାସମଲ, ସମିଉଲ ହକ, ବିଶ୍ୱଭୂଷଣ ମହାପାତ୍ର, ଅବିନାଶ ନନ୍ଦ, ଲିପିକା ପାତ୍ର, ଶ୍ରୀ ମହାନ୍ତି, ଆଶୁତୋଷ ରାଉତ, ସେକ ଅନିସ କୁରେସି, ସସ୍ମିତା ଜେନା, କମଳେନ୍ଦୁ ଆଚାର୍ଯ୍ୟ ଓ ସତ୍ୟଜିତ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଉ 'ବିଶ୍ୱ ଓଡ଼ିଶା' : ବାଚସ୍ପତି

ଭୁବନେଶ୍ୱର, (ପିଏନ): ଓଡ଼ିଶା ବିଧାନସଭା ପରିସରରେ ଅନୁଷ୍ଠିତ 'ବିଶ୍ୱ ଓଡ଼ିଶା' ରାଜ୍ୟ କାର୍ଯ୍ୟକାରିଣୀ ପରିଷଦର ଏକ ବିଶେଷ ବୈଠକରେ ବିଶ୍ୱ ଓଡ଼ିଶା ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଉ ବୋଲି ମତବ୍ୟକ୍ତ କରିଛନ୍ତି 'ବିଶ୍ୱ ଓଡ଼ିଶା'ର ସଭାପତି ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ।

'ବିଶ୍ୱ ଓଡ଼ିଶା' ସମଧର୍ମୀ ଅନେକ ଅନୁଷ୍ଠାନ ଓଡ଼ିଆ ସମ୍ମାନ, ସ୍ୱାଭିମାନ, ଆବେଗ ନେଇ ରାଜ୍ୟ ତଥା ରାଜ୍ୟ ବାହାରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ କାର୍ଯ୍ୟ କରୁଥିଲେ ସୁଦ୍ଧା 'ବିଶ୍ୱ ଓଡ଼ିଶା' ସମସ୍ତଙ୍କ ଠାରୁ ଭିନ୍ନ ହେଉ ଏବଂ ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଇ ଓଡ଼ିଶାର ସାମଗ୍ରିକ ବିକାଶର ଏକ କାର୍ଯ୍ୟବାହୀ ହେଉ ବୋଲି ଡ. ପାତ୍ର ତାଙ୍କର ସଭାପତିତ୍ୱ ପରାମର୍ଶ ଦେଇଥିଲେ ।

'ବିଶ୍ୱ ଓଡ଼ିଶା' ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ବିଶ୍ୱବ୍ୟାପୀ ଓଡ଼ିଆ ଜାତୀୟତା ଜାଗରଣ ବା□ା ବହନ କରି ଏକ ଅଭିଯାନ ଆରମ୍ଭ କରିଛି ସେଥିପ୍ରତି ପ୍ରଶଂସା କରି ବିଶ୍ୱବ୍ୟାପୀ ବିସ୍ତାରିତ ହୋଇ ରହିଥିବା ଓଡ଼ିଆ ଭାଇଭଉଣୀଙ୍କୁ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ବିଶେଷତଃ ଦିଲ୍ଲୀ, ବାଙ୍ଗାଲୋର, ଚେନ୍ନାଇ, ମୁମ୍ବାଇ, ସୁରତ, କଲିକତା ଆଦି ମହାନଗର ମାନଙ୍କରେ ଗଢି ଉଠିଥିବା



ଓଡ଼ିଆ ଅନୁଷ୍ଠାନମାନଙ୍କୁ ପ୍ରଶଂସା କରି ସେମାନଙ୍କ ସହିତ ସମନ୍ୱୟ ରକ୍ଷା କରି 'ବିଶ୍ୱ ଓଡ଼ିଶା' କାର୍ଯ୍ୟ କରିବ ବୋଲି କର୍ମକ□ାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଦେଶରେ ଆମେରିକା, କାନାଡ଼ା, ଲଣ୍ଡନ, ବାହାରିନ୍, ମିଆଁମାର, ସାଉଦିଆରବ ଆଦି ଦେଶମାନଙ୍କରେ କେତେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ନିଜ ନିଜ ସ୍ତରରେ ଓଡ଼ିଶା ପାଇଁ ଚିନ୍ତା କରୁଛନ୍ତି । ସେମାନଙ୍କୁ ଓଡ଼ିଶାର ସାମଗ୍ରିକ ବିକାଶ, ବିଶେଷତଃ କୃଷି, କୁଟୀର ଶିଳ୍ପ, ଗ୍ରାମୀଣ ପର୍ଯ୍ୟଟନ ଆଦିରେ ସଂଯୋଗ କରିବା ପାଇଁ 'ବିଶ୍ୱ ଓଡ଼ିଶା' କାର୍ଯ୍ୟ କରିବ ବୋଲି ଡ. ପାତ୍ର ମତାମତ ଦେଇଥିଲେ । ବିଶ୍ୱ ଓଡ଼ିଶାର ଏକ ଆନ୍ତର୍ଜାତିକ ଅଧିବେଶନ ଭୁବନେଶ୍ୱରଠାରେ ଆସନ୍ତା ମାର୍ଚ୍ଚ ମାସରେ ବିଭିନ୍ନ ଦେଶ ଓ ରାଜ୍ୟର ପ୍ରତିନିଧିମାନଙ୍କୁ ନେଇ ହେବା ପାଇଁ ନିଷ୍ପ□ ନିଆଯିବା ସହିତ ପ୍ରବାସୀ ସ୍ଥାନାନ୍ତରିତ ଶ୍ରମିକ ତଥା କର୍ମଜୀବୀ ମାନଙ୍କର ଅନ୍‌ଲାଇନ୍ ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏଥିରେ ଆବାହକ ଭାବରେ ଖ୍ୟାତିସମ୍ପନ୍ନ ସାମ୍ବାଦିକ କିଶୋର ଦ୍ୱିବେଦୀ, ବାହାରିନ ଓଡ଼ିଆ ସମାଜ ପ୍ରତିଷ୍ଠାତା ସଭାପତି ଡ. ଅରୁଣ ପ୍ରହରାଜ, କାଡ଼ାନାରେ ଅବସ୍ଥାପିତ ପ୍ରଫେସର ଡ. ତନ୍ମୟ ପଣ୍ଡା ପ୍ରମୁଖଙ୍କୁ ଗ୍ରହଣ କରାଗଲା । ଏଥିସହିତ ବିଭିନ୍ନ ରାଜ୍ୟରେ ତଥା ଦେଶରେ ଏହାର ଶାଖା ଗଠନ କରାଯିବା ପାଇଁ ନିଷ୍ପ□ ଗ୍ରହଣ କରାଯାଇଛି । ଏହି ବୈଠକରେ ବିଶ୍ୱ ଓଡ଼ିଶାର ମୁଖ୍ୟ ସଂଯୋଜକ ଆଡ୍‌ଭୋକେଟ ମନୋରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି କବି ବାହାଦୂର ପାଟସାହାଣୀ, ସାଧାରଣ ସମ୍ପାଦକ ମନୋଜ ମନ୍ମୟ, ସଂଯୋଜକ ସରୋଜ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସ୍ରୁତି ଦେଇଛନ୍ତିମ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday August 11, 2021 ଭୁବନେଶ୍ୱର ବୁଧବାର, ଅଗଷ୍ଟ ୧୧,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବିଭିନ୍ନ ସ୍ଥାନରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଜନ୍ମଦିବସ ପାଳିତ



ଭୁବନେଶ୍ୱର : ବିଭିନ୍ନ ସ୍ଥାନରେ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟଙ୍କ ଜନ୍ମଦିବସ ପାଳିତ ।ଆଜି ପୂର୍ବାହ୍ନ ୭ଘଂଟା ସମୟରେ ଜଟଣୀ ବିଧାୟକ ଶ୍ରୀ ରାଉତରାୟ ଲିଙ୍ଗରାଜ ମନ୍ଦିର, ଦକ୍ଷୀଣଚଣ୍ଡି ମନ୍ଦିର, ସୁନ୍ଦରପଦା ମସ୍‌ଜିଦ ଓ ସତ୍ୟନଗର ଚର୍ଚ୍ଚଠାରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ପୁରୁଣା ଭୁବନେଶ୍ୱର ଏବଂ ଜଟଣୀ ସ୍ଥିତ ଡାକ୍ତରଖାନାରେ ଫଳ ଓ ମାସ୍କ ବଂଟନ କରାଯାଇଥିଲା। ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ ମଧ ବସ୍ତ୍ରଦାନ କରାଯାଇଥିଲା। ମାଉସୀମା ଛକଠାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶ୍ରୀ ରାଉତରାୟଙ୍କ ବାସଭବରେ ଜୟନ୍ତୀ କମିଟି ପକ୍ଷରୁ ମିଷ୍ଟାନ୍ନ ବଂଟନ ଏବଂ ଖାଦ୍ୟପେୟର ବ୍ୟବସ୍ଥା ହୋଇଥିଲା। ଅପରାହ୍ନରେ ଇଡକଲ ହଲରେ ବିଧାୟକ ଶ୍ରୀ ରାଉତରାୟଙ୍କର ଦୀର୍ଘ ଛଅଦଶନ୍ଦିର ରାଜନୈତିକ ଜୀବନ, ଛାତ୍ର ରାଜନୀତି, ସମାଜସେବା ଓ ଘଟଣାବହୁଳ ଜୀବନ ଉପରେ ଆଧାରିତ 'ମାଡ଼ିଚାଲ' ନାମକ ଏକ ପୁସ୍ତକର ଲୋକାର୍ପଣ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଲୋକାର୍ପଣ ଉତ୍ସବରେ ପଦ୍ମଶ୍ରୀ କବି ହଳଧର ନାୟକ, ପଦ୍ମଶ୍ରୀ ଦିଲ୍ଲିପ ତିର୍କୀ, ଦଉଡ଼ରାଣୀ ଦୂତି ଚାନ୍ଦ, ପଦ୍ମଶ୍ରୀ ଦେବୀପ୍ରଶନ୍ନ ପଟ୍ଟନାୟକ, ଶିଳ୍ପୀ ସୁଦର୍ଶନ ସାହୁ, ଶିଳ୍ପି ପ୍ରଭାକର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ରାଉତରାୟଙ୍କର ଘଟଣାବହୁଳ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଉତରାୟ ତାଙ୍କର ସୁଦୀର୍ଘ ରାଜନୈତିକ ଜୀବନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀମାନଙ୍କ ସହ ତାଙ୍କର ସମ୍ପର୍କ ଏବଂ ନିସ୍ୱାର୍ଥପର ସମାଜସେବା ଉପରେ ଅବତାରଣା କରିଥିଲେ। ଏହାପରେ ୮ନମ୍ବରରେ କେବିଏନ ଗ୍ରୁପ ଏବଂ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜଙ୍କ ନେତୃତ୍ୱରେ ଶ୍ରୀ ରାଉତରାୟଙ୍କ ଜନ୍ମଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ରାଉତରାୟ ଛାତ୍ର ଓ ଯୁବକମାନଙ୍କୁ କହିଥିଲେ ଯେ ସମାଜସେବାକୁ ଜୀବନର ପରମ ଧର୍ମ ଭାବରେ ଗ୍ରହଣ କର। ଦୟାନଦୀ କୂଳ ଧଉଳି ପାହାଡ଼ ନିକଟସ୍ଥ ଲିଙ୍ଗିପୁର ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା ଏବଂ ପରିଶେଷରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦଳୀୟ ନେତା ଓ କର୍ମୀମାନେ ଶ୍ରୀ ରାଉତରାୟଙ୍କ ଜନ୍ମଦିବସ ପାଳନ କରିଥିଲେ। କେଦାର ଗୌରୀ ନିକଟସ୍ଥ ଗୁଆଝର ଠାରେ ଗୁଆଝର ସଂଗଠନ ପକ୍ଷରୁ ମଧ ଶ୍ରୀ ରାଉତରାୟଙ୍କ ଜନ୍ମ ଦିବସ ପାଳନ କରାଯାଇଥିଲା। ବିଭିନ୍ନ ଦଳର ରାଜନେତା, ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବିଧାୟକ, ପୂର୍ବତନ ବିଧାୟକ, ସମାଜସେବୀ, ଲେଖକ, କବି, ଛାତ୍ର ନେତା, ଯୁବ ନେତା, ନାରୀ ନେତ୍ରୀ, ବୁଦ୍ଧିଜିବୀ ଓ ଶ୍ରମିକ ନେତା ପ୍ରମୁଖ ସୁରେଶ କୁମାର ରାଉତରାୟଙ୍କ ବାସସ୍ଥାନକୁ ଯାଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

## ଆଦିବାସୀଙ୍କ ପୁରାତନ ସଂସ୍କୃତିର ସୁରକ୍ଷା ଆମର ପ୍ରାଥମିକତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆଦିବାସୀଙ୍କ ପୁରାତନ ସଂସ୍କୃତିର ସୁରକ୍ଷାକୁ ସବୁବେଳେ ଆମେ ପ୍ରାଥମିକତା ଦେଇ ଆସୁଛୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ବିଶ୍ୱ ଜନଜାତି ଦିବସ ଅବସରରେ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଛନ୍ତି ଓଡ଼ିଶାରେ୬୨ ପ୍ରକାର ଭିନ୍ନ ଜନଜାତି ଲୋକ ବସବାସ କରୁଛନ୍ତି । ବିଶ୍ୱ ଜନଜାତି ଦିବସରେ, ଆମେ ଆଦିବାସୀଙ୍କ ଅନନ୍ୟ ସଂସ୍କୃତି, ଭାଷା, ପରମ୍ପରା ଆମ ସାଂସ୍କୃତିକ ବିବିଧତାକୁ ନେଇ ଉତ୍ସବ ମନାଉଛୁ ।

## ସର୍ବଭାରତୀୟ ଜେ.ଇ.ଇ. ପରୀକ୍ଷାରେ ଶକ୍ତିସ୍ୱରୁପଙ୍କ କୃତିତ୍ୱ



ନେଉଳପୁର:ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅଧିନ ସିଦ୍ଧିପୁର ଗ୍ରାମର ଶୁଶାନ୍ତ କୁମାର ମହାପାତ୍ର ଓ ତାଙ୍କର ଧର୍ମପତ୍ନୀ ସଂଯୁକ୍ତା ମହାପାତ୍ରଙ୍କର ସୁପୁତ୍ର ଶକ୍ତି ସ୍ୱରୂପ ମହାପାତ୍ର ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ଜେ.ଇ.ଇ ମେନ ପରିକ୍ଷାରେ ପରୀକ୍ଷା ଦେଇ କୃତିତ୍ୱ ଅର୍ଜନ କରିଛନ୍ତି। ସେ ଏହି ମେନ ପରୀକ୍ଷାରେ ୯୯.୩୭% ନମ୍ବର ରଖି ସର୍ବଭଅରତୀୟ ସ୍ତରରେ କୌଣସି ଜାତୀୟ ପ୍ରତିଷ୍ଠାନରେ ଅଧ୍ୟୟନ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ର ଜୀବନରେ ଶିକ୍ଷା ପ୍ରତି କଠିନ ପରିଶ୍ରମ ଓ ବାପା ମାଙ୍କ ପ୍ରେରଣା ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଠପଢାରେ ତାଙ୍କୁ ଆଜି ଏହି ସଫଳତା ମିଳିପାରାଛି। ସେ କଟକ ସିଡିଏସ୍ଥିତ ଡିଏ.ଭି. ପବ୍ଲିକ ସ୍କୁଲରେ ଅଧୟନ କରୁଥିଲେ। ଦଶମଶେଶ୍ରଣୀ ପରୀକ୍ଷାରେ ୯୨% ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୭%ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିଲେ। ଶକ୍ତି ସ୍ୱରୁପାଙ୍କ ସଫଳତା ପାଇଁ ସିଦ୍ଧିପୁର ଗ୍ରାମବାସୀମାନଙ୍କ ପକ୍ଷରୁ ଅଭିନନ୍ଦନ ଜଣାଇବା ସହିତ ଉଜ୍ୱଳ ଭବିଷ୍ୟତ ପାଇଁ ଆର୍ଶୀବାଦ ପ୍ରଦାନ କରିଛନ୍ତି।

# ୨ ବର୍ଷ ପରେ ୩ ହତ୍ୟାକାରୀ ଗିରଫ

କେନ୍ଦୁଝର: ପଣ୍ଡାପଡା ଥାନା ଅନ୍ତର୍ଗତ ପଣ୍ଡାପଡା ଗ୍ରାମରେ ଗତ ୨ ବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାରେ ପୋଲିସ ୩ଜଣଙ୍କୁ ଗୀରଫ କରି ଆଜି କୋର୍ଟ ଚାଲାଣ କରିଛି। ସେମାନଙ୍କ ନାମ ହେଲା ତେନ୍ତଲାପଶି ପଂଚାୟତ ଧନୁଗୁରୁ ଗ୍ରାମର ସୁଦର୍ଶନ ଦେହୁରୀ(୪୬),ଅନାମ ନାୟକ(୪୬) ଏବଂ ଯୁଧିଷ୍ଠିର ଦେହୁରୀ (୩୬)ବୋଲି ଜଣାପଡିଛି। ମୃତକଙ୍କ ନାମ ହେଲା ମୂରଲିଧର ନାୟକ ଏବଂ ତାଙ୍କ ବୟସ ୫୫ ବର୍ଷ । ଗତ ୦୬/୦୨/ ୨୦୧୯ ରେ ନିଖୋଜ ହୋଇ ଘରକୁ ଫେରି ନଥିଲେ। ନିଖୋଜ ହେବାର ୧୧ ଦିନ ପରେ ୧୭ ତାରିଖ ଦିନ ବାଇଦାପଡା ପାହାଡ ଉପରେ ଥିବା କୂଅ ରୁ ତାଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା। ପରେ ପୋଲିସ କେସ ନଂ ୪/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିଲା। ତଦନ୍ତ ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ଏ ନେଇ କେସକୁ ରି ଓପନ କରି ୫୮/୨୦୨୧ରେ ତା ୧୬/ ୦୬/୨୦୨୧ରେ ଏକ ହତ୍ୟାମାମଲା ରୁଜୁ କରିଥିଲା। ଏହି ଘଟଣାରେ ତଦନ୍ତକାରୀ ଅଧିକାରୀ ଡିଏସପି ଅଞ୍ଜନା ଟୁଡୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଆଜି ପୋଲିସ ଉକ୍ତ ମାମଲାରେ ଏହି ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମୁରଲିଧର କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଏବଂ ଏହାକୁ ଏକ ଅପମୃତ୍ୟୁ ମାମଲା ଦର୍ଶାଇବା ପାଇଁ କୂଅକୁ ପକାଇ ଦେଇଥିଲେ ବୋଲି ପୋଲିସ ଆଗରେ ସେମାନେ ସ୍ୱୀକାର କରିଛନ୍ତି। ତେବେ ଏସଡିଜେଏମ କୋର୍ଟରେ ସେମାନଙ୍କ ଜାମୀନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଛି।

## ପୁନଃ ନିଯୁକ୍ତି ଦାବିରେ କମ୍ପ୍ୟୁଟର ଶିକ୍ଷକମାନଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର: ପୁନଃ ନିଯୁକ୍ତି ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି କମ୍ପ୍ୟୁଟର ଶିକ୍ଷକ। ସୋମବାର ଦିନ ଛଟେଇ କମ୍ପ୍ୟୁଟର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଭୁବନେଶ୍ୱର ଓସେପା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ତେବେ କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଫିନାଇଲ ଓ କିରୋସିନ ପିଇ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ଓ ଆନ୍ଦୋନକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାବେଳେ ଉତେଜନା ଦେଖାଦେଇଥିଲା।। ଶେଷରେ ଆନ୍ଦୋଳନରତ କମ୍ପ୍ୟୁଟର ଶିକ୍ଷକମାନଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସ ସହ ଧସ୍ତାଧସ୍ତି ବେଳେ କ୍ୟାପିଟାଲ ଥାନା ଅଧିକାରୀ ଆହତ ହୋଇଥିବା ନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ସୂଚନା ଦେଇଛନ୍ତି ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ତାହାର ପ୍ରତିଷ୍ଠାତା ସାର୍ ସୋରାବଜୀ ପୋଚଖାନାଓ୍ୱାଲାଙ୍କ ୧୪୦ତମ ଜୟନ୍ତୀ ଅବସରରେ ଋଣ/ଜମା ପାଇଁ ମିସ୍‌ଡ କଲ ସୁବିଧା ଶୁଭାରମ୍ଭ କଲା

ମୁମ୍ବଇ : ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ତାହାର ପ୍ରତିଷ୍ଠାତା ସାର୍ ସୋରାବଜୀ ପୋଚଖାନାଓ୍ୱାଲାଙ୍କର ୧୪୦ତମ ଜୟନ୍ତୀକୁ ମୁମ୍ବଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଐତିହ୍ୟ ସୌଧରେ ଅଗଷ୍ଟ ୯ ତାରିଖ ଦିନ ପାଳନ କରିଛି। ଏହି ପବିତ୍ର ଦିବସ କାର୍ଯ୍ୟକ୍ରମରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଶ୍ରୀ ଏମ ଭି ରାଓ, ନିର୍ବାହୀ ନିର୍ଦ୍ଦେଶକଗଣ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥି, ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟ, ବ୍ୟାଙ୍କର କର୍ମଚାରୀ ଏବଂ ଗ୍ରାହକବୃନ୍ଦ ଉପସ୍ଥିତ ଥିଲେ।ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ୯୨୨୩୯୦୧୧୧୧ କୁ ଡାଏଲ କରି ଋଣ ସମ୍ପର୍କିତ ସମସ୍ତ ତଥ୍ୟ ଜାଣିବାର ସମସ୍ୟାମୁକ୍ତ ବ୍ୟବସ୍ଥା ଶୁଭାରମ୍ଭ କରାଯିବା ସହିତ ଏହାର ବହୁମୂଲ୍ୟ ଗ୍ରାହକଙ୍କ ପାଇଁ ପୂର୍ଣ୍ଣ ରୂପାନ୍ତରିତ ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ଏଫସିଏନଆର ଉତ୍ପାଦ, ଏଆଇ ଆଧାରିତ ପ୍ରାକ୍ ଅନୁମୋଦିତ ଋଣ ଅଫର, ଏସଏମଇ ଗୋଲ୍ଡ / ଡିମାଣ୍ଡ ଲୋନ କୋ-ଲେଣ୍ଡିଂ, ବାସଗୃହ ଋଣ କୋ-ଲେଣ୍ଡିଂ ଆଦି ଅନ୍ୟ ଆକର୍ଷଣୀୟ ସୁବିଧାଗୁଡିକ ବ୍ୟାଙ୍କର ଅଫିସିଆଲ ୟୁଟ୍ୟୁବ, ଲିଙ୍କ୍‌ଡଆଇଏନ ଏବଂ ଇନଷ୍ଟାଗ୍ରାମ ପେଜ୍‌ରେ ଆରମ୍ଭ କରିଛି।

## ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଗାନ୍ଧିଜୀଙ୍କ ଓଡିଶା ଆବିଷ୍କାର'ର ଲୋକାର୍ପଣ ଉତ୍ସବ



ଭୂବନେଶ୍ୱର: ଆଜି ଅଗଷ୍ଟ ୯ତାରିଖ କ୍ରାନ୍ତ ଦିବସ ଉପଲକ୍ଷେ ୟୁନିଟ୍ -୩ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅପରାହ୍ନ ୫ଘଟିକା ସମୟରେ ଓଡିଶାର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ସମାଜ ସେବୀ ଶ୍ରୀ ପଂଚାନନ କାନୁନ୍‌ଗୋଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଗାନ୍ଧିଜୀଙ୍କ ଓଡିଶା ଆବିଷ୍କାର'ର ଲୋକାର୍ପଣ ଉତ୍ସବ ସମସ୍ତ କୋଭିଡ୍ ନିୟମ ପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକାର୍ପଣ ଉତ୍ସବରେ ବିଶିଷ୍ଟ ଗାନ୍ଧୀବାଦୀ ଶ୍ରୀ ପ୍ରହ୍ଲାଦ ସିଂ ପୁସ୍ତକ ଆଲୋଚକ ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ପୁସ୍ତକର ଲେଖକ ସ୍ୱୟଂ ପଂଚାନନ କାନୁନ୍‌ଗୋ, ଜନାର୍ଦ୍ଦନ ପତି, ବରିଷ୍ଠ ସାମ୍ବାଦିକ ରବି ଦାସ, ବିଶିଷ୍ଟ ଗାନ୍ଧୀବାଦୀ ଶ୍ରୀ ପ୍ରହ୍ଲାଦ ସିଂ, ଆର୍. ଜେ ଜ୍ଞାନେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ଉକ୍ତ ପୁସ୍ତକକୁ ଲୋକାର୍ପିତ ତଥା ଉନ୍ମୋଚିତ କରିଥିଲେ ।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଉଭିଦ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିମିଳିପାଳରେ ଫିଲ୍ଡ ଷ୍ଟଡି



ବାରିପଦା: ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଉଭିଦ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ ଶିମିଳିପାଳର ଲୁଲୁଙ୍ଗ ଓ ବାଲଡିହା ବନ୍ଧ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ଔଷଧୀୟ ଏବଂ ଅନ୍ୟାନ୍ୟ ଉଦ୍ଭିଦକୁ ନେଇ ଏକ ଦିବସୀୟ ଫିଲ୍ଡ ଷ୍ଟଡିରେ ଯାଇଥିଲେ । ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଜାତିର ଉଭିଦ ଚାରା ଓ ମି ସଂଗ୍ରହ କରିବା ସହିତ ଏକ ପ୍ରାକୃତିକ ପରିବେଶ ମଧରେ ଶିକ୍ଷାଲାଭ କରିବାର ସୁଯୋଗ ପାଇଥିଲେ । ଛାତ୍ରଛାତ୍ରୀମାନେ ସଂଗ୍ରହ କରିଥିବା ବିଭିନ୍ନ ପ୍ରଜାତିର ମି ଓ ପତ୍ରକୁ ଶୁଖାଇ ନିଜ ନିଜର ପ୍ରଜେକ୍ଟ ତିଆରି କରିବେ । ଏହା ଫଳରେ ଛାତ୍ରଛାତ୍ରୀମାନେ ଏକ ପ୍ରାକୃତିକ ପରିବେଶ ମଧରେ ବିଭିନ୍ନ ପ୍ରଜାତିର ଚାରା ବିଷୟରେ ଅଧୟନ କରିବା ପାଇଁ ସୁଯୋଗ ପାଇଲେ ବୋଲି ବର୍ଣ୍ଣନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧରେ ସୋନାଲି ସାମଲ, ଅସୀମା ଆକାଂକ୍ଷା ସିଂହ, କିର୍ତ୍ତି କୌଶିକ ନାୟକ, ସ୍ୱପ୍ନା ନାଏକ, ଅନାମିକା ପରିଡା, ଦେବବ୍ରତ ସ, ଚିନ୍ମୟ ହେମ୍ବ୍ରମ, ସୁଭମ ପ୍ରତିକ ମହା' ଏହି ଫିଲ୍ଡ ଷ୍ଟଡିର ନେତୃତ୍ୱ ନେଇଥିଲେ । ବିଭାଗୀୟ ଅଧାପକ ଶିବ ପ୍ରସାଦ ମଲ୍ଲିକ ଓ ଦେବୀଦତ୍ତ ରାଉତ ଛାତ୍ରଛାତ୍ରୀମାନଙ୍କୁ ଏହି ଫିଲ୍ଡ ଷ୍ଟଡିର ନେତୃତ୍ୱ ନିମନ୍ତେ ଉତ୍ସାହିତ କରିଥିଲେ । ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ ନାୟକ ଛାତ୍ରଛାତ୍ରୀମାନଙ୍କୁ ପ୍ରାକୃତିକ ପରିବେଶ ମଧରେ ଶିକ୍ଷା ଲାଭର ସୁଯୋଗ ଦେଇଥିବାରୁ ଉଭିଦ ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କ ସହିତ ବିଭାଗୀୟ ଅଧାପକମାନେ କୃତଜ୍ଞତା ଜଣାଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

● Surveillance through CCTV Camera ● Small Classes ● Congenial Environment ● Intimate, Safe & Secured Place ● Experienced & loving teachers ● Individual attention to each child ● Spacious Playground ● AC Activity Room ● Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray